ଆଜି -ଗୁରୁବାର
ତାରିଖ - ୦୭ ମଇ ୨୦୨୬
ମାସ - ମେଷ, ଦିନ - ୨୪
ତିଥି - ପଂଚମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂର୍ବାଷାଢ଼ା, ଧନୁ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୧୮:୦୦
ସୂର୍ଯ୍ୟାସ୍ତ - ୬:୦୮:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପିଲାଟିଏ ଭବିଷ୍ୟତରେ କ'ଣ ହେବ, ତାକୁ ନେଇ ଆମେ ଚିନ୍ତିତ ହୋଇପଡୁ, କିନ୍ତୁ ଭୁଲିଯାଉ ଯେ ଆଜି ବି ସେ ଜଣେ ମଣିଷ । ।"

- ଜବାହାରଲାଲ୍ ନେହରୁ


E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 23 R.N.I. REGD. No. 44026/86 ବାଲେଶ୍ୱର ୦୭ ମଇ ୨୦୨୬ ଗୁରୁବାର BALASORE 07 MAY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କଲେ ଭିଏତନାମ ରାଷ୍ଟ୍ରପତି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି ଯେ ଉଚ୍ଚସ୍ତରୀୟ ଆଲୋଚନା ପରେ ଭାରତ ଓ ଭିଏତନାମ ନିଜ



ଭାରତ ଓ ଭିଏତନାମର ସମ୍ପର୍କ ଏବେ ଉନ୍ନତ ବ୍ୟାପକ କୌଶଳୀୟ ସାଂଘୀକତାର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି ଏବଂ ଉଭୟ ଦେଶ ମିଶି ଉନ୍ନତି ଓ ସମୃଦ୍ଧି ଦିଗରେ ଆଗକୁ ବଢ଼ିବେ । ସେ ଜୋର ଦେଇ କହିଛନ୍ତି, "ଆମେ ମିଶିକି ଚାଲିବୁ, ମିଶିକି ବଢ଼ିବୁ, ଏବଂ ମିଶିକି ଜିତିବୁ ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭିଏତନାମର ରାଷ୍ଟ୍ରପତି ତୋ ଲାମଙ୍କ ମଧ୍ୟରେ ବୁଧବାର ହୋଇଥିବା ସମ୍ପର୍କକୁ ଉନ୍ନତ ବ୍ୟାପକ କୌଶଳୀୟ ସାଂଘୀକତା ସ୍ତରକୁ ବଢ଼ାଇବାର ଘୋଷଣା କରିଛନ୍ତି । ଉଭୟ ଦେଶ ବ୍ୟାପାର, ରକ୍ଷା, କନେକ୍ଟିଭିଟି ଓ କୌଶଳୀୟ ସହଯୋଗକୁ ନୂତନ ଗତି ଦେବା ପାଇଁ ସଙ୍କଳ୍ପ ନେଇଛନ୍ତି । ମିଳିତ ପ୍ରେସମିଟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ରାଷ୍ଟ୍ରପତି ତୋ ଲାମଙ୍କର ଭାରତ ଗସ୍ତ ଉଭୟ ଦେଶର ମଜବୁତ ହେଉଥିବା ସମ୍ପର୍କ ଓ ପାରସ୍ପରିକ ପ୍ରାଥମିକତାକୁ ପ୍ରକାଶ କରେ । ସେ କହିଛନ୍ତି ଯେ ଏହି ସାଂଘୀକତା ଏବେ ଆହୁରି ଉଚ୍ଚ ଲକ୍ଷ୍ୟ ଦିଗରେ ଆଗୁଆ ହେବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ-ଭିଏତନାମ ମଧ୍ୟରେ ବ୍ୟାପାର ଗତ ଦଶକରେ ଦୁଗୁଣା ହୋଇ ୧୬ ଅରବ ଡଲାରକୁ ପହଁଚିଛି । ଏବେ ଉଭୟ ଦେଶ ୨୦୩୦ ସୁଦ୍ଧା ଏହାକୁ ୨୫ ଅରବ ଡଲାରକୁ ନେବାର ଲକ୍ଷ୍ୟ ଧାରଣ କରିଛନ୍ତି । ଔଷଧ, କୃଷି, ମାଛଚାଷ ଓ ପଶୁ ଉତ୍ପାଦର ରପ୍ତାନି ବଢ଼ାଇବା ପାଇଁ କିଛି ବୁଝାମଣାରେ ସମ୍ମତି ହୋଇଛି । ଖୁବ ଶୀଘ୍ର ଭିଏତନାମ ଭାରତର ଅଙ୍ଗୁର ଓ ଡାଳିମ୍ବର ସ୍ୱାଦ ନେବ ଏବଂ ଆମେ ଭିଏତନାମର ଡୁରିଆନ୍ ଓ ପୋମେଲୋର ସ୍ୱାଦ ନେବୁ । ଉଭୟ ଦେଶ ଆର୍ଥିକ ସହଯୋଗ ବଢ଼ାଇବା ପାଇଁ ଭାରତର ୟୁପିଆଇ ଓ ଭିଏତନାମର ଫାଷ୍ଟ ପେମେଂଟ ସିଷ୍ଟମକୁ ଯୋଡ଼ିବାରେ ସମ୍ମତି ଜଣାଇଛନ୍ତି । ସେହିପରି ବିମାନ ସଂଯୋଗ, ରାଜ୍ୟ-ରାଜ୍ୟ ଓ ସହର-ସହର ସହଯୋଗକୁ ମଧ୍ୟ ବଢ଼ାଯିବ ।

## ରାୟଗଡ଼ା ନୂତନ ରେଲୱେ ଡିଭିଜନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉନ୍ନତି ଓ ଆକାଂକ୍ଷାକୁ ଆଗେଇ ନେବାରେ ନିରନ୍ତର ସହଯୋଗ, ଉଦାର ସମର୍ଥନ ଏବଂ ଦୂରଦର୍ଶୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ରାୟଗଡାକୁ ନୂତନ ରେଲୱେ ଡିଭିଜନ ଭାବେ ଘୋଷଣା କରାଯାଇଥିବା ପାଇଁ କେନ୍ଦ୍ରୀୟ ରେଲମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ସେ ଏହି ନିଷ୍ପତିକୁ ଐତିହାସିକ ବୋଲି କହିଥିବା ସହ ଏହା ଦକ୍ଷିଣ ଓଡିଶାର ଲୋକମାନଙ୍କର ଦୀର୍ଘଦିନର ଦାବି ପୂରଣ କରିଛି ବୋଲି ଉଲ୍ଲେଖ କରିଛନ୍ତି । ଔପଚାରିକ ସୂଚନା ଅନୁସାରେ, ରାୟଗଡା ରେଲୱେ ଡିଭିଜନ ୧ ଜୁନରୁ କାର୍ଯ୍ୟରତ ହେବ, ଯାହା ଏହି ଅଂଚଳ ପାଇଁ ଏକ ପରିବର୍ତନଶୀଳ ଯୁଗର ଆରମ୍ଭ କରିବ । ଏହି ପଦକ୍ଷେପ ଫଳରେ ଅଂଚଳୀୟ ସଂଯୋଗରେ ଉଲ୍ଲେଖନୀୟ ସୁଧାର ହେବ, ପର୍ଯ୍ୟଟନର ଅପାର ସମ୍ଭାବନା ଖୋଲିବ, ରାଜସ୍ୱ ବୃଦ୍ଧି ପାଇବ ଏବଂ ସମାବେଶୀ ଓ ସସ୍ଥାୟୀ ଉନ୍ନତିକୁ ଗତି ମିଳିବ । ମୁଖ୍ୟମନ୍ତ୍ରୀ ମାଝୀ ଏହି ନିଷ୍ପତିକୁ "ଡବଲ ଇଞ୍ଜିନ ସରକାର"ର ଏକ ଶକ୍ତିଶାଳୀ ଉଦାହରଣ ବୋଲି କହିଛନ୍ତି ଏବଂ ଏହାକୁ ଓଡିଶାର ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, ଏହା ରାଜ୍ୟକୁ ଭାରତର ଉନ୍ନତିରେ ଏକ ପ୍ରମୁଖ ଭାଗୀଦାର ଭାବେ ଗଢ଼ି ତୋଳିବା ସହ 'ବିକଶିତ ଭାରତ' ଲକ୍ଷ୍ୟକୁ ସାଧନ କରିବାରେ ସାହାଯ୍ୟ କରିବ ।

## ୧୯ ମଇରେ ଜଗଦଲପୁରରେ କେନ୍ଦ୍ରୀୟ ଜୋନାଲ ପରିଷଦ ବୈଠକର ଅଧକ୍ଷତା କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ



ରାୟପୁର : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୧୯ ମଇରେ ବସ୍ତର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସେ ଜଗଦଲପୁରର ବିଭାଗୀୟ ମୁଖ୍ୟାଳୟରେ କେନ୍ଦ୍ରୀୟ ଜୋନାଲ ପରିଷଦର ବୈଠକର ଅଧକ୍ଷତା କରିବେ ।ଗୃହମନ୍ତ୍ରୀ ଅମିତ ଶାହ ୧୮ ମଇ ରାତିରେ ସିଧାସଳଖ ଜଗଦଲପୁରରେ ପହଂଚିବେ ଏବଂ ସେଠାରେ ରାତ୍ରିଯାପନ କରିବେ । ପରବର୍ତୀ ଦିନ - ୧୯ ମଇ - ସେ କେନ୍ଦ୍ରୀୟ ଜୋନାଲ ପରିଷଦ ବୈଠକ ପରିଚାଳନା କରିବେ, ତା'ପରେ ସେ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ । କେନ୍ଦ୍ରୀୟ ଜୋନାଲ ପରିଷଦର ସଦସ୍ୟ ରାଜ୍ୟ - ଛତିଶଗଡ଼, ମଧ୍ୟପ୍ରଦେଶ, ଉତର ପ୍ରଦେଶ ଏବଂ ଉତରାଖଣ୍ଡର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ମନ୍ତ୍ରୀମାନେ ଏହି ଉଚ୍ଚସ୍ତରୀୟ ବୈଠକରେ ଅଂଶଗ୍ରହଣ କରିବେ । ବୈଠକରେ ଚାରିଟି ରାଜ୍ୟ: ଛତିଶଗଡ଼, ମଧ୍ୟପ୍ରଦେଶ, ଉତର ପ୍ରଦେଶ ଏବଂ ଉତରାଖଣ୍ଡ ମଧ୍ୟରେ ସାମାଜିକ-ଆର୍ଥିକ ବିକାଶ, ଭିତିଭୂମି, ସୁରକ୍ଷା ଏବଂ ଆନ୍ତଃରାଜ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହେବ ।ବୈଠକ ପାଇଁ ପ୍ରସ୍ତୁତି ପୂର୍ବରୁ ଆରମ୍ଭ ହୋଇସାରିଛି । ମୁଖ୍ୟ ସଚିବ ବିକାଶ ଶୀଳ ପୂର୍ବ ବୈଠକର ବିବରଣୀ ଆଧାରରେ ଛତିଶଗଡ଼ରେ ସମ୍ପାଦିତ କାର୍ଯ୍ୟ ଏବଂ ପଡ଼ି ରହିଥିବା ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ସମସ୍ତ ବିଭାଗରୁ ରିପୋର୍ଟ ମାଗିଛନ୍ତି । ସୂଚନା ଅନୁଯାୟୀ, ବସ୍ତରରେ ନକ୍ସଲବାଦର ମୂଳୋତ୍ପାଟନ ପରେ ଏହା ପ୍ରଥମ ବଡ଼ ଉଚ୍ଚସ୍ତରୀୟ ବୈଠକ ହେବ ।

## ଅଳ୍ପରେ ଖବର

- ହିଞ୍ଜିଳି ଖରିଡ଼ା ମର୍ଡର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି ଲେଖିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ସରକାର ଘଟଣାକୁ ଅତି ଗମ୍ଭୀରତାର ସହ ନେଇଛନ୍ତି । ବିରୋଧୀଦଳ ନେତା ଚିଠି ଲେଖିବାର କିଛି କାରଣ ନାହିଁ ।
- ୨୦୨୫ ବ୍ୟାଚ୍ ଓଡ଼ିଶା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ)ପ୍ରଶିକ୍ଷାର୍ଥୀମାନେ ବୁଧବାର ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ (ସିଇଓ) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି ।
- ପଶ୍ଚିମବଙ୍ଗର ଦୀଘା ଠାରେ ଥିବା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ହଟାଇବାକୁ ଉଦ୍ୟମ କରାଯିବ । ବଙ୍ଗରେ ବିଜେପି ସରକାର ଗଠନ ପରେ ଓଡ଼ିଶା ସରକାର ଏଥିପାଇଁ ଉଦ୍ୟମ ଆରମ୍ଭ କରିବେ ।
- ଜିଲ୍ଲା ଶିକ୍ଷକେନ୍ଦ୍ର ସାଧାରଣ ପରିଚାଳକମାନଙ୍କର (ଜିଏମ୍-ଡିଆଇସି) ଏକ ସମୀକ୍ଷା ବୈଠକ ସ୍ଥାନୀୟ ଓ-ହବ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି ।

## ଦେଶବ୍ୟାପୀ ନିଶୁଳ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟ

ନୂଆଦିଲ୍ଲୀ : କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ୭ ମଇ, ୨୦୨୬ରେ ନୂତନ ଶ୍ରମ ସଂହିତା ଅନୁଯାୟୀ ୪୦ ବର୍ଷ ଏବଂ ଅଧିକ ବୟସର ଶ୍ରମିକଙ୍କ ପାଇଁ ଏକ ଦେଶବ୍ୟାପୀ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ ନୂଆଦିଲ୍ଲୀର ବାସଇଦାରାପୁରସ୍ଥିତ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହେବ । ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ସମେତ ଦେଶର ଅନ୍ୟ ୧୧ଟି ଇଏସଆଇସି ହସ୍ପିଟାଲରେ ମଧ୍ୟ ଉଦ୍ଘାଟନ ଉତ୍ସବ ଆୟୋଜନ କରାଯିବ, ଯେଉଁଥିରେ ସମ୍ପୃକ୍ତ ରାଜ୍ୟର ଶ୍ରମ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ । ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟାପକ 'ଶ୍ରମେବ ଜୟତେ' ଦୃଷ୍ଟିକୋଣ ସହିତ ସମନ୍ୱିତ, ଯାହା ଶ୍ରମର ମର୍ଯ୍ୟାଦା ଏବଂ ଶ୍ରମିକମାନଙ୍କ ପାଇଁ ଦୃଢ଼ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ



କରେ । ଏହି ପଦକ୍ଷେପର କାର୍ଯ୍ୟାନ୍ୱୟନ ଚାରୋଟି ନୂତନ ଶ୍ରମ ସଂହିତା ମାଧ୍ୟମରେ ଗ୍ରହଣ କରାଯାଇଥିବା ପରିବର୍ତନକାରୀ ସଂସ୍କାର ଉପରେ ଆଧାରିତ, ଯାହା ଚାରୋଟି ବ୍ୟାପକ ସ୍ତମ୍ଭ ଅଧୀନରେ ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନକୁ ଏକୀକୃତ କରୁଛି । ଏହି ସଂସ୍କାରଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଅନୁପାଳନକୁ ସରଳ କରିବା, ନିଯୁକ୍ତିକୁ ଆନୁଷ୍ଠାନିକ କରିବା ଏବଂ ସାମାଜିକ ସୁରକ୍ଷାର ପରିସରକୁ ବିସ୍ତାର କରିବା । ଉଲ୍ଲେଖନୀୟ ବିଷୟ ହେଉଛି ସାମାଜିକ ସୁରକ୍ଷା ସଂହିତା, ୨୦୨୦, ଅସଂଗଠିତ, ଗିଗ୍ ଏବଂ ପ୍ଲାଟଫର୍ମ କର୍ମଚାରୀମାନଙ୍କୁ ନିଜ ପରିସର ମଧ୍ୟରେ ଆଣେ, ଏକ ସାମାଜିକ ସୁରକ୍ଷା ପାଣ୍ଠି ସ୍ଥାପନ କରେ ଏବଂ ଇଏସଆଇସି ସୁବିଧାର ପରିସରକୁ ବିସ୍ତାର କରେ । ନୂତନ ଶ୍ରମ ଢାଂଚା ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ୪୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଶ୍ରମିକଙ୍କ ପାଇଁ ବାଧ୍ୟତାମୂଳକ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା । ଇଏସଆଇ ଯୋଜନାର ହିତାଧିକାରୀମାନଙ୍କ ପାଇଁ, ଏହି ଯାଂଚଗୁଡ଼ିକ ଏହାର ବିସ୍ତୃତ ହସ୍ପିଟାଲ ନେଟୱାର୍କ ମାଧ୍ୟମରେ କରାଯିବ, ଯେଉଁଥିରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ନିରନ୍ତର ସ୍ୱାସ୍ଥ୍ୟ ତଦାରଖ ଉପରେ ବିଶେଷ ଧ୍ୟାନ ଦିଆଯିବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସାୟନିକ ପଦାର୍ଥ, ବିଷାକ୍ତ ପଦାର୍ଥ କିମ୍ବା ଭାରୀ ଯନ୍ତ୍ରପାତି ପରିଚାଳନା ସମେତ ବିପଦପୂର୍ଣ୍ଣ କିମ୍ବା ହାନୀକାରକ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ଡାକ୍ତରୀ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି ।

## ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ: ପିଆଇବି ଏଡିଜି

ଢେଙ୍କାନାଳ : ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଜି ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) ଢେଙ୍କାନାଳରେ ଓଡିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି 'ବିକାଶମୂଳକ ଯୋଗାଯୋଗ: ସରକାରୀ ସଂଚାର ବ୍ୟବସ୍ଥାର ପରିବର୍ତିତ ରୂପରେଖ' ପ୍ରସଙ୍ଗରେ ଏକ ଉପସ୍ଥାପନା ଦେଇଥିଲେ । ସୂଚନା ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ମିଶ୍ର କହିଥିଲେ, ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ । ଯୋଗାଯୋଗ ପରେ ଲୋକମାନଙ୍କର ପ୍ରତିକ୍ରିୟା ମଧ୍ୟ ଅଧିକାରୀମାନେ ଜାଣିବା ଆବଶ୍ୟକ, କାରଣ ଯୋଗାଯୋଗ ଏବଂ ବିକାଶ ମଧ୍ୟରେ ସମ୍ପର୍କ ରହିଛି । ଅଧିକାରୀମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା, ବିଶେଷକରି ସରକାରୀ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ସେ ଆଲୋକପାତ କରିଥିଲେ ।




ସରକାରୀ ସୂଚନାରେ ଭୁଲ ତଥ୍ୟ ଯେପରି ପ୍ରସାରିତ ନହୁଏ ସେଥିପାଇଁ ତଥ୍ୟକୁ ସୂଚନା ଅଧିକାରୀ ମାନେ ଠିକ ଭାବେ ଯାଂଚ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଶ୍ରୀ ମିଶ୍ର ସଠିକ ଏବଂ ଭୁଲ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଏବଂ ଏହାର ପ୍ରଭାବ ସମ୍ପର୍କରେ ଏକ ଦଳଗତ କାର୍ଯ୍ୟକଳାପ ମାଧ୍ୟମରେ ଅଧିକାରୀମାନଙ୍କ ମାର୍ଗଦର୍ଶନ କରିଥିଲେ । ସେ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡିକୁ ଅଡିଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନା କରିବା ସହ ସେଥିରେ ଯୋଗାଯୋଗ ଏବଂ ସରକାରୀ ନୀତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

## ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ

### ରାଜ୍ୟରେ ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର: ଆଗାମୀ କିଛି ଦିନ ମଧ୍ୟରେ ପାଣିପାଗରେ ବଡ଼



ଧରଣର ପରିବର୍ତନ ଆସିବାକୁ ଯାଉଛି । ବିଭିନ୍ନ ପାଣିପାଗ ମଡେଲର ଆକଳନ ଅନୁଯାୟୀ, ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ମେ ୧୦ ତାରିଖ ବେଳକୁ ଶ୍ରୀଲଙ୍କା ଏବଂ ତାମିଲନାଡୁ ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ବର୍ତମାନ କେନ୍ଦ୍ରୀୟ ଭାରତ ଉପରେ ଏକ ଟ୍ରାପ୍ ଲାଇନ୍ (Trough Line) ସକ୍ରିୟ ରହିଛି । ଏହା ମେ ୯ ତାରିଖ ବେଳକୁ ଓଡ଼ିଶା ଅଭିମୁଖେ ଅଗ୍ରସର ହେବ । ଏହାର ପ୍ରଭାବରେ ମେ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଏବଂ ଝଡ଼ ପବନ ହେବାର ସମ୍ଭାବନା ରହିଛି । ଲଘୁଚାପ ସୃଷ୍ଟି ହେବା ପରେ ଏହା କେତେ ଘନୀଭୂତ ହେବ ଏବଂ କେଉଁ ଦିଗକୁ ଗତି କରିବ, ସେ ନେଇ ଚିତ୍ର ମେ ୧୧ ତାରିଖ ପରେ ସ୍ପଷ୍ଟ ହେବ । ସାମୁଦ୍ରିକ ପବନ ଏବଂ ବାୟୁମଣ୍ଡଳୀୟ ଚାପକୁ ନେଇ ପାଣିପାଗ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି । ବର୍ଷା ଓ ପବନ ସମୟରେ ବାହାରକୁ ନବାହାରିବା ଏବଂ ବିଶେଷ କରି ଚାଷୀମାନେ ନିଜର ଅମଳ ପ୍ରକ୍ରିୟାକୁ ଏହି ସୂଚନା ଅନୁଯାୟୀ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି ।

## ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏସ୍‌ଆଇଆର

ଭୁବନେଶ୍ୱର : ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) । ଏ ନେଇ ଆଜି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସହ ବୈଠକ ବସିଥିଲା । ସମ୍ଭବତଃ ଚଳିତ ମାସରେ ହିଁ ଏହାର ପ୍ରକ୍ରିୟା ଆରମ୍ଭ ହୋଇଯିବ । ଏ ନେଇ ଯେ କୌଣସି ଦିନ ବିଜ୍ଞପ୍ତି ଘୋଷଣା ଜାରି ହୋଇପାରେ । ଏସ୍‌ଆଇଆହ ଆରମ୍ଭ ପୂର୍ବରୁ ଭୋଟରଙ୍କ ମ୍ୟାପିଂ (୨୦୨୫ ଭୋଟର ତାଲିକା ସହ ୨୦୦୨ ତାଲିକା ମେଳ) ଜୋରସୋରରେ ଚାଲିଛି । ମେ' ୫ ତାରିଖ ସୁଦ୍ଧା ରାଜ୍ୟର ମୋଟ ୩ କୋଟି ୩୬ ଲକ୍ଷ ୪୬ ହଜାର ୫୭୦ ଭୋଟରଙ୍କ ମଧ୍ୟରୁ ୩ କୋଟି ୧୫ ଲକ୍ଷ ୬୧ ହଜାର ୩୫୯ ଭୋଟରଙ୍କ ମ୍ୟାପିଂ ସରିଛି । ଅର୍ଥାତ୍ ୯୩.୮% ମ୍ୟାପିଂ ସରିଛି । ହେଲେ ବର୍ତମାନ ସୁଦ୍ଧା ୨୦ ଲକ୍ଷ ୮୫ ହଜାର ୨୧୧ ଭୋଟରଙ୍କ ମ୍ୟାପିଂ ହୋଇପାରିନି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଏହି



ଭୋଟରଙ୍କର ୨୦୦୨ ସହ ତଥ୍ୟ ମେଳ ହୋଇପାରିନାହିଁ । ୨୦୦୨ ଭୋଟର ତାଲିକାରେ ଯେଉଁ ଭୋଟର କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ (ବାପା, ମା', ଜେଜେ, ଜେଜେ ମା') ନାମ ମିଳିନାହିଁ, ସେମାନଙ୍କର ମ୍ୟାପିଂ ହୋଇପାରିନି । ମ୍ୟାପିଂରେ ସବୁଠାରୁ ଖରାପ ପ୍ରଦର୍ଶନ ଭୁବନେଶ୍ୱରର । ଭୁବନେଶ୍ୱରରେ ମୋଟ ଭୋଟର ୭ ଲକ୍ଷ ୮୫ ହଜାର ୭୫୮ । ଏବେ ସୁଦ୍ଧା ୬ ଲକ୍ଷ ୨୫ ହଜାର ୧୯୫ ଭୋଟରଙ୍କର ମ୍ୟାପିଂ ହୋଇଛି, ଯାହାକି ୭୯.୫୭% । ୧ ଲକ୍ଷ ୬୦ ହଜାର ୫୬୩ ଜଣଙ୍କର ମ୍ୟାପିଂ ହୋଇପାରିନି । ମେ ୫ ତାରିଖ ସୁଦ୍ଧା ଝାରସୁଗୁଡ଼ାରେ ୯୧.୫୪%, ବଲାଙ୍ଗିରରେ ୯୨%, ନୟାଗଡ଼ରେ ୯୨.୦୧%, କଟକରେ ୯୨.୧୩%, କଳାହାଣ୍ଡିରେ ୯୨.୭୬%, ଖୋର୍ଦ୍ଧାରେ ୯୩.୨୮%, ମାଲକାନଗିରିରେ ୯୩.୫୨%, ରାୟଗଡ଼ାରେ ୯୩.୫୮%, ପୁରୀରେ ୯୩.୯୭%, ନବରଙ୍ଗପୁରରେ ୯୪.୫୯%, ମୟୂରଭଞ୍ଜରେ ୯୪.୫୯%, ସୁବର୍ଣ୍ଣପୁରରେ ୯୪.୬%, ନୂଆପଡ଼ାରେ ୯୪.୭୬%, କୋରାପୁଟରେ ୯୪.୭୮%, କେନ୍ଦୁଝରରେ ୯୪.୯୪% ଭୋଟରଙ୍କ ମ୍ୟାପିଂ ସରିଛି । ଭଦ୍ରକ, କନ୍ଧମାଳ, ଢେଙ୍କାନାଳ, ବରଗଡ଼, ଅନୁଗୁଳ, ସମ୍ବଲପୁର, ଗଜପତି, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ାରେ ମ୍ୟାପିଂ ହାର ୯୫ ପ୍ରତିଶତରୁ ୯୬% ଭିତରେ ରହିଛି । ଦେବଗଡ଼ରେ ୯୮.୦୫%, ବୌଦ୍ଧରେ ୯୭.୦୯%, ଗଞ୍ଜାମରେ ୯୬.୩୮%, ଜଗତସିଂହପୁରରେ ୯୬.୩୬% ମ୍ୟାପିଂ ସରିଛି । ୨୦୦୨ରେ ଶେଷ ଏସ୍‌ଆଇଆର ହୋଇଥିଲା । ତେଣୁ ୨୦୦୨ ଭୋଟର ତାଲିକା ସହ ୨୦୨୫ ତାଲିକାର ମେଳ କରାଯାଉଛି । ଏସ୍‌ଆଇଆର ବିଜ୍ଞପ୍ତି ପରେ ପ୍ରତି ଘରକୁ ବିଏଲ୍ଓ ଯିବେ । ପ୍ରତି ଭୋଟରଙ୍କୁ ଗୋଟିଏ ଫର୍ମ କପି ଦିଆଯିବ । ଫର୍ମ ପୂରଣ କରି ଗୋଟିଏ କପି ଭୋଟର ରଖିବେ, ଅନ୍ୟ କପିଟିକୁ ବିଏଲ୍ଓଙ୍କୁ ଦିଆଯିବ ।





# ବାଲେଶ୍ୱରରେ ଉଦ୍ଘାଟିତ ହେଲା ବାଣିଜ୍ୟିକ ଅଦାଲତ

ବାଲେଶ୍ୱର(ନି.ପ୍ର.) ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ବାଲେଶ୍ୱରର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଏକ ବାଣିଜ୍ୟିକ ଅଦାଲତ ଆଭାସି ଜରିଆରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ହରିଶ ଟଣ୍ଡନଙ୍କ କରକମଳରେ ଉଦ୍ଘାଟିତ ହୋଇଛି । ସେଠାରେ ତାଙ୍କ ସହିତ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ବିଭୁ ପ୍ରସାଦ ରାଉତରାୟ ଏବଂ ଅନେକ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଗଣ ଉପସ୍ଥିତ ଥିଲେ । ଏହି ଅବସରରେ ବାଲେଶ୍ୱର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ବାଣିଜ୍ୟିକ ଅଦାଲତ ସମ୍ମୁଖରେ ଏକ ସଭାର ଆୟୋଜନ୍ ହୋଇ ଆଭାସି ମାଧ୍ୟମରେ ମୁଖ୍ୟ ବିଚାରପତିଙ୍କ ସହିତ ଯୋଡି ହୋଇଥିଲେ । ଏହି ଉଦ୍ଘାଟନୀ



ଉତ୍ସବରେ ମାନ୍ୟବରଜିଲ୍ଲା ଦୌରା ଜଜ୍, ବାଲେଶ୍ୱର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ସୁଧାକର ନାଏକଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ମାନ୍ୟବର ବିଚାରପତି ଏବଂ ଆଇନଜୀବୀ ଗଣ ଉପସ୍ଥିତ ଥିଲେ ।ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲା ପାଇଁ ପ୍ରଭାବଶାଳୀ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ । ଏହି ଚାରିଟି କ୍ଲଷ୍ଟର ଜିଲ୍ଲାରୁ ବାଣିଜ୍ୟିକ ବିବାଦ ଭାବରେ ବିଭିନ୍ନ ବର୍ଗର ୧୮୩୧ ମାମଲା ଚିହ୍ନଟ କରାଯାଇ ନୂତନ ଭାବରେ ଉଦ୍ଘାଟିତ ବାଣିଜ୍ୟିକ ଅଦାଲତକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିରେ ବାଲେଶ୍ୱର ଜଜସିପ୍ ରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ମୟୂରଭଞ୍ଜ ଜଜସିପ୍ ରୁ ୧୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ଭଦ୍ରକ ଜଜସିପ୍ ରୁ ୩୭୪ ମାମଲା ସ୍ଥାନାନ୍ତରିତ ହୋଇଛି ଏବଂ କେନ୍ଦୁଝର ଜଜସିପ୍ ରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି । ବାଲେଶ୍ୱରରେ ଏହି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ଦ୍ୱାରା ବୈଧାନିକ ନିର୍ଦ୍ଦେଶର ପାଳନ ସୁନିଶ୍ଚିତ ହେବ, ନିୟମିତ ଅଦାଲତରେ ବିଚାରାଧୀନ ମାମଲା ହ୍ରାସ ପାଇବ ଏବଂ ବାଣିଜ୍ୟିକ ବିବାଦର ସମୟସୀମା ମଧ୍ୟରେ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ମଂଚ ପ୍ରଦାନ କରାଯିବ । ଏହା ମକଦ୍ଦମାକାରୀଙ୍କ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବ, ନ୍ୟାୟିକ ଦକ୍ଷତା ଉନ୍ନତ କରିବ ଏବଂ ଏହି ଅଂଚଳରେ ନିବେଶ ପରିବେଶକୁ ସୁଦୃଢ଼ କରିବ । ବାଣିଜ୍ୟିକ ଅଦାଲତ ଆଇନ, ୨୦୧୫ ର ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ବାଲେଶ୍ୱରରେ ନୂତନ ଭାବେ ଉଦ୍ଘାଟିତ ହୋଇଥିବା ଏହି ବାଣିଜ୍ୟିକ ଅଦାଲତ ର ପ୍ରତିଷ୍ଠା ଏକ ଆବଶ୍ୟକୀୟ ଏବଂ ନୀତି-ଚାଳିତ ପଦକ୍ଷେପ, ଯାହା ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ବିବାଦର ଦ୍ରୁତ ଏବଂ ବିଶେଷଜ୍ଞ ବିଚାରକୁ କଳ୍ପନା କରେ । ଏହି ଉଦ୍ଘାଟନୀ ଉତ୍ସବକୁ ଅଦାଲତ ର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ସିତିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ସୁଶ୍ରୀ ପ୍ରିୟଙ୍କା ମିଶ୍ର ଏଥିରେ ସହଯୋଗ କରିଥିଲେ ।

# ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳନ

ବାଲେଶ୍ୱର(ନି.ପ୍ର.)ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆଜି ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରାଙ୍କ ଦ୍ୱାରା ଦଳୀୟ ପତାକା ଉତ୍ତୋଳନ ଏବଂ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ସମବେତ କର୍ମୀବୃନ୍ଦଙ୍କୁ ସମ୍ବୋଧିତ କରିବା ପରେ କାର୍ଯ୍ୟାଳୟ ଓ ଆଖପାଖ ଅଂଚଳରେ ବୃକ୍ଷରୋପଣ କରାଯାଇଥିଲା । ସମ୍ମିଳନୀ କକ୍ଷରେ ଆୟୋଜିତ ସାଧାରଣ ସଭାରେ ଦଳର ୬୦ ବର୍ଷରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ଓ ସାଂସଦ ତାଙ୍କ ଉଦବୋଧନରେ କର୍ମୀମାନଙ୍କୁ ଦଳର ଇତିହାସ, ରାଷ୍ଟ୍ରୀୟ





ଚେତନା, ବଳିଦାନ, ଦୀର୍ଘ ବର୍ଷର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ । ଲକ୍ଷ ଲକ୍ଷ କର୍ମୀଙ୍କ ତ୍ୟାଗ ତପସ୍ୟା ଓ ବଳିଦାନର ଫଳସ୍ୱରୂପ ଭାରତୀୟ ଜନତା ପାର୍ଟି ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ଦଳର ମାନ୍ୟତା ପାଇଛି, ଏହା କେବଳ ଏକ ଉପଲବ୍ଧି ନୁହେଁ ବରଂ ଏହା ହେଉଛି ଦାଇତ୍ୱ, ନାଗରିକଙ୍କ ସାମଗ୍ରିକ ବିକାଶ ପାଇଁ ଓ ଦେଶକୁ ପରମବୈଭବଶାଳୀ କରିବା ପାଇଁ ଗୁରୁ ଦାୟିତ୍ୱ । ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଚିତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୩ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫-୨୬ ଉଦ୍ଘାଟିତ

ବାଲେଶ୍ୱର(ନି.ପ୍ର.)' ଆନ୍ତର୍ଜାତୀୟ ଦିବସ- କ୍ରୀଡା ଦ୍ୱାରା ଉନ୍ନତି ଓ ଶାନ୍ତି ' ( ଇନ୍ଟରନ୍ୟାଶନାଲ ଡେ ଅଫ ସ୍ପୋର୍ଟସ ଫର ଡେଭେଲପମେଂଟ ଆଣ୍ଡ ପିସ୍ ) ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୩ତମ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୫-୨୬ ଉଦଘାଟିତ ହୋଇଯାଇଛି । ବିଭିନ୍ନ ବିଭାଗର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରୁଥିବା ଏହି କ୍ରୀଡ଼ା କାର୍ଯ୍ୟକ୍ରମ ୬ ଠାରୁ ୯ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ । ଉଦ୍?ଘାଟନୀ ଅଧିବେଶନ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କ୍ରୀଡ଼ାର ମସାଲ ପ୍ରଜ୍ୱଳନ ଓ କ୍ରୀଡ଼ାର ପତାକା ଉତୋଳନ କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ରୀଡ଼ା ଦ୍ୱାରା ଜୀବନରେ ଶୃଙ୍ଖଳା, ସହଯୋଗ ଓ ବ୍ୟକ୍ତିତ୍ୱ ବିକାଶରେ ଭୂମିକା





ଉଲ୍ଲେଖ କରିଥିଲେ । ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ କ୍ରୀଡ଼ା ସଂସ୍କୃତିର ଗୁରୁତ୍ୱ ଉପସ୍ଥାପନ କରିଥିଲେ ।

ଡ଼କ୍ଟର ସଚିଦାନନ୍ଦ ସା ସ୍ୱାଗତ ଭାଷଣ ସହ ପ୍ରଗତି ବିବରଣୀ ପତ୍ର ପାଠ କରିଥିଲେ, ଯେଉଁଥିରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ୨୦୨୪-୨୫ର ବିଭିନ୍ନ ସଫଳତାମାନ ଉଲ୍ଲେଖ ରହିଥିଲା । ପିଇଓ, ଶ୍ରୀ ସଂଗ୍ରାମ କେଶରୀ ବିଶୋଇଙ୍କ ଦ୍ୱାରା ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶ୍ରୀ ଅରୁଣ କୁମାର ନାୟକ ସଂଯୋଜନା କରିଥିବାବେଳେ ଡ଼କ୍ଟର ଅଭୟ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ଉଦ୍ଘାଟନୀ ଦିନରେ ପୁରୁଷ ଓ ମହିଳା ବିଭାଗରେ ୩୪ଟି ଆଥଲେଟିକ୍ସ ସହ କ୍ରିକେଟ, ଭଲିବଲ, କବାଡ଼ି, ଚେସ୍, ବ୍ୟାଡମିଂଟନ, ଟେବୁଲ ଟେନିସ, କ୍ୟାରମ, ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ, ଡିସ୍କସ ଓ ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଛି । ଚାରିଦିନିଆ ଏହି କ୍ରୀଡା ମହୋତ୍ସବର ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା, କ୍ରୀଡା ସ୍ପୃହା ଓ ସମଗ୍ର ବିକାଶକୁ ପ୍ରୋତ୍ସାହନ ଦେବା ବୋଲି ଆୟୋଜକଙ୍କ ପକ୍ଷରୁ ମତପ୍ରକାଶ ପାଇଛି ।

# ଅବୈଧ ଇଟା ଭାଟି ଉପରେ ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର(ନି.ପ୍ର.) ପ୍ରଶାସନ ଦ୍ୱାରା ଧାରା ୧୬୩ ଇଘଝଝ ଉଲ୍ଲଂଘନ କରିଥିବା ଦୁଇଟି ଚିମ୍ନି ଇଟା ଭାଟି—ବେଗୁନିଆ ଛକ, ହରିପୁର (ରେମୁଣା ତହସିଲ) ର ଏକ୍ଝୟ ଇକ୍ସସମଳଝ ଏବଂ ନଗ୍ରମ୍ ଜଓ ସର୍କଲ, ମୌଜା କାଳୀପୁର (ସଦର ତହସିଲ) ର ଝଞ୍ଚରରକ୍ଷ ଇକ୍ସସମଳଝ—କୁ ଭଙ୍ଗାଯାଇଛି ।ନିଷେଧ ସତ୍ତ୍ୱେ ଇଟା ପୋଡ଼ା କାର୍ଯ୍ୟ ଚାଲୁ ରଖି ଭାରୀ ପରିବେଶ ପ୍ରଦୂଷଣ ସୃଷ୍ଟି କରିଥିବାରୁ, ଉପଜିଲ୍ଲାପାଳ, ବାଲେଶ୍ୱରଙ୍କ ଆଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ସେ ନେତୃତ୍ୱ ନେଇଥିଲା ବେଳେ ରେମୁଣା ଓ ସଦର ତହସିଲଦାର ଓ ତାଙ୍କ ସହିତ ପୋଲିସ ଓ ଫାୟାର ଟିମ୍ ଉପସ୍ଥିତ ଥିଲେ । ଏହା ସହିତ ପ୍ରାୟ ୧,୦୦,୦୦୦ ପକା ଓ କଚ୍ଚା ଇଟ୍?କୁ ଧ୍ୱଂସ କରାଯାଇଛି ଏବଂ ଗୋଟିଏ ଚିମ୍ନିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି । ଏପରି ଉଲ୍ଲଂଘନ ଉପରେ ଆଗାମୀ ଦିନରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପ୍ରଶାସନ ସଚେତନ କରିଛି ।



# ମୁଁ କୁଳଡିହା କହୁଛି'ର ପ୍ରଥମ ଅଧିବେଶନ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲାର କୁଳଡିହାର ପ୍ରାକୃତିକ ସମ୍ପଦ ଓ ପରିବେଶ ସୁରକ୍ଷା ପାଇଁ ଗଠିତ ସାଂସ୍କୃତିକ ସଚେତନଧର୍ମୀ ମଂଚ 'ମୁଁ କୁଳଡିହା କହୁଛି'ର ପ୍ରଥମ ଅଧିବେଶନ ସ୍ଥାନୀୟ ସିଆଡ଼ିମାଳର କୁମ୍ଭକ୍ଷେତ୍ର ପରିସରରେ ଆୟୋଜିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ପରିବେଶପ୍ରେମୀ ବାମନ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତା କରିଥିଲେ ।ଏହି ଅଧିବେଶନରେ ବିନୋଦ ବିହାରୀ ପଣ୍ଡା, ସୁବାସିନୀ ଜୀ, ସୁଶାନ୍ତ ମହାପାତ୍ର, ଚିତରଞ୍ଜନ ପତି, ଶିବସୁନ୍ଦର ସାହୁ, ମାଳତୀ ଧଳ, ଯୁବ ଚିତ୍ରଶିଳ୍ପୀ ଦିବ୍ୟ ପ୍ରକାଶ ପରିଡ଼ା, ରଞ୍ଜନ କୁମାର ସେଠୀ, କ୍ରିଷ୍ଣା ନାଥ, ତପନ କୁମାର ମିଶ୍ର, ରୂପମ କର, ଦେବାଶିଷ ଭଞ୍ଜ, ନୀଳାଦ୍ରି ବେହେରା ଓ ଚନ୍ଦନ ସାହୁ ପ୍ରମୁଖ କବି, ଲେଖକ, ଶିଳ୍ପୀ, ସମାଜସେବୀ ଓ ପରିବେଶପ୍ରେମୀମାନେ ଯୋଗ



ଦେଇ କୁଳଡିହାର ସୁରକ୍ଷା ଓ ପ୍ରଚାର ପାଇଁ ଏକ ଯୋଜନାତ୍ମକ ରୂପରେଖ ପ୍ରସ୍ତୁତ କରିଥିଲେ ।କୁଳଡିହାର ପ୍ରାକୃତିକ ଗୌରବକୁ ଉଜାଗର କରିବା ସହ ତାହାର ସୁରକ୍ଷା ପାଇଁ ସଚେତନତା ଗଢ଼ି ତୋଳିବା ନିମନ୍ତେ କୁଳଡିହା ଚାରିପାଖରେ ଥିବା ଗ୍ରାମବାସୀ ଓ ଅନୁଷ୍ଠାନପ୍ରେମୀମାନଙ୍କୁ ସଂଗଠିତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା ।ଏଥିପାଇଁ ସର୍ବସମ୍ମତିକ୍ରମେ ଶିଳ୍ପୀ କେଶୁ ଦାସଙ୍କୁ ଆବାହକ, ବାମନ ଚନ୍ଦ୍ର ମହାନ୍ତିଙ୍କୁ ସଭାପତି, ଚିତରଞ୍ଜନ ପତିଙ୍କୁ ସମ୍ପାଦକ ଓ ଦିବ୍ୟ ପ୍ରକାଶ ପରିଡ଼ାଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି ।ଏହାସହ ପ୍ରତି ପଂଚମ ପାଳି ରବିବାର କୁଳଡିହାର ବିଭିନ୍ନ ସ୍ଥାନରେ ସାହିତ୍ୟ-ସାଂସ୍କୃତିକ ଭିତିରେ ସଚେତନତାଧର୍ମୀ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର ହୋଇଥିବା ବେଳେ ଆଗାମୀ କର୍ମଶାଳା ମଇ ୩୧ ତାରିଖରେ ଔପଦା ବଜାରରେ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଛି ।ଅଧିବେଶନରେ କବି ପ୍ରଭାକର ସାହୁ, ସୁବାସିନୀ ଜୀ, ମାଳତୀ ଧଳ ଓ ଶିବସୁନ୍ଦର ସାହୁ କୁଳଡିହା ଆଧାରିତ କବିତା ପାଠ କରିଥିଲେ । ଶିଳ୍ପୀ କେଶୁ ଦାସ ଓ ଦିବ୍ୟ ପ୍ରକାଶ ପରିଡ଼ାଙ୍କ ଲାଇଭ୍ ସ୍କେଚ୍ ପ୍ରଦର୍ଶନ ମଧ୍ୟ ଉପସ୍ଥିତ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । କବି ସୁଧାକର ସେଠୀଙ୍କ ରଚିତ 'ତୁ କୁଳଡିହା ରାଣୀ' ଗୀତ ମଧ୍ୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା ।ସଭାପତି ବାମନ ଚନ୍ଦ୍ର ମହାନ୍ତି ଆଗାମୀ ଅଧିବେଶନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆଶା କରିଥିବା ବେଳେ ଶେଷରେ ଶିଳ୍ପୀ କେଶୁ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସରକାରୀ ବିଦ୍ୟାଳୟ ହତାରୁ ଭାଗବତ ଟୁଙ୍ଗି ଉଚ୍ଛେଦ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ସରପଂଚ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦର ବ୍ଲକ ଅଧିନ ସାରଗାଁ ଗ୍ରାମପଂଚାୟତ ରେ ଅବସ୍ଥିତ ଇସାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଥିବା ଭାଗବତ ଟୁଙ୍ଗି ଉଚ୍ଛେଦ ଦାବି ଜୋର ଧରିଛି । ସୋମବାର ସ୍ଥାନୀୟ ସରପଂଚ , ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଜିଲ୍ଲାପାଳ ଙ୍କ ନିକଟରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଉକ୍ତ ବିଦ୍ୟାଳୟ ରେ ପ୍ରଥମ ରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପାଠପଢୁ ଥିବା ବେଳେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି । ଫଳରେ ବିଦ୍ୟାଳୟରେ



ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ପିଲାମାନଙ୍କ ପାଠପଢା ରେ ବାଧା ସୃଷ୍ଟି ହେଉଛି । ଗତ ମାସ ରେ ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ଶୁଣାଣି ରେ ଏହି ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସେମାନେ କହିଥିଲେ । ଯଥା ଶୀଘ୍ର ବିଦ୍ୟାଳୟ ପରିସର ରୁ ଉକ୍ତ ଭାଗବତ ଟୁଙ୍ଗି ଉଚ୍ଛେଦ ପାଇଁ ସରପଂଚ ଦାବି କରିଛନ୍ତି । ମନ୍ମଥ ମାଝୀ, ଭଗବାନ ଦାସ, ସୁଶାନ୍ତ ଶତପଥୀ, କାଶୀନାଥ ମାଝୀ, ତୁଫାନ ମାଝୀ, ପ୍ରଭାକର ବେହେରା ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

# ଦୁର୍ବ୍ୟବହାରର ଶୀକାର ହେଲେ ସରପଂଚ

ବାଲେଶ୍ୱର(ନି.ପ୍ର.)ହଳଦୀପଦା ସୋସାଇଟିର ସମ୍ପାଦିକା ନମିତା ବାରିକ ସେହି ଅଂଚଳର ସରପଂଚ ବରେନ୍ଦ୍ର ସେଠୀଙ୍କୁ ଦୁର୍ବ୍ୟବହାର ଓ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ । ସେ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ସୋସାଇଟିପକ୍ଷରୁ ଚାଷୀମାନଙ୍କ ଠାରୁ



ଧାନକ୍ରୟ ବେଳେ ସୁପ୍ତିକଟାକୁ କେନ୍ଦ୍ରକରି ସେ ଘଟଣାସ୍ଥଳରେ ପହଂଚି କ'ଣ ପାଇଁ ଚାଷୀମାନଙ୍କ ଠାରୁ ସରକାରଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ ଅଧିକ ସୁପ୍ତି କଟାଯାଉଛି । ଫଳରେ ସୋସାଇଟିର ସମ୍ପାଦକ ନମିତା ବାରିକ ତାଙ୍କୁ ଦୁର୍ବ୍ୟବହାର କରିବା ସହ ତୁମେ କିଏ ଜାଣିବା ପାଇଁ ଚାହୁଁଛ ବୋଲି କହିବାରୁ ଉତେଜନା ସୃଷ୍ଟି ହୋଇଥିଲା । ଏ ଘଟଣାସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ହଳଦୀପଦା ସରପଂଚ ବରେନ୍ଦ୍ର ସେଠୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.) ରେମୁଣା ବ୍ଲକ ଅନ୍ତର୍ଗତ ନିଜାମପୁର ଗ୍ରାମର ଦିଲ୍ଲୀପ ଜେନାଙ୍କ ସହଧର୍ମିଣୀ ସୁନିତା ଜେନା ଯିଏକି ୫ମାସ ହେଲା ତାଙ୍କର ୨ଟିଯାକ କିଡନୀ ଶତକଡ଼ା ୯୦ ଭାଗ ଖରାପ ହୋଇଯାଇଛି । ଏଥିନେଇ ସେ ବାରମ୍ବାର ଡାକ୍ତରଙ୍କୁ ଦେଖାଇବା, ପ୍ରତି ସପ୍ତାହରେ ୨ଥର ଡାଏଲସିସ୍ କରିବା, କିଡନୀ ଟ୍ରାନ୍ସପ୍ଲାଟ କରାଯିବା ପାଇଁ ଡାକ୍ତରଙ୍କ ସୂଚନା ଇତ୍ୟାଦିକୁ ନେଇ ଦିଲ୍ଲୀପ ଜେନା ଓ ତାଙ୍କ ପରିବାର ମ୍ରିୟମାଣ ହୋଇପଡ଼ିଛନ୍ତି । କାରଣ ଚିକିତ୍ସା ପାଇଁ ପାଖାପାକି ୪୦/୫୦ଲକ୍ଷ ଟଙ୍କା ଆବଶ୍ୟକତା ପଡୁଥିବା ହେତୁ ଜଣେ ଦରିଦ୍ର ବ୍ୟକ୍ତି ହିସାବରେ ତାଙ୍କର ଜମିବାଡ଼ି ଚାକିରି ସମ୍ବଳ ନାହିଁ । ଗୋଟିଏ ଝିଅକୁ ୫ବର୍ଷ ଓ ପୁଅକୁ ଦେଢ଼ବର୍ଷ । ଅସହାୟ ଜରାଜୀର୍ଣ୍ଣ ଅବସ୍ଥାରେ ସ୍ତ୍ରୀକୁ ଚିକିତ୍ସା କରିବା ପାଇଁ



ଅର୍ଥର ଆବଶ୍ୟକତା ପଡୁଥିବା ଯୋଗୁଁ ସେ ଇତିମଧ୍ୟରେ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ମହିଳା ସଂଗଠନଙ୍କ ଦ୍ୱାରା ୧୦ହଜାର ଟଙ୍କା ଆର୍ଥିକ ସହାୟତା ପାଇଥିଲେ । ଯାହା ଫଳରେ ଅଧିକ ଅର୍ଥ ଆବଶ୍ୟକତା ପଡୁଥିବା ଯୋଗୁଁ ସେ ବାଲେଶ୍ୱରର ସାଂସଦ, ରେମୁଣା ବିଧାୟକ, ରେମୁଣା ତହସିଲଦାର, ପୂର୍ବତନ ସାଂସଦ, ନିଜାମପୁର ସରପଂଚ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ରୋଗୀଣା ସ୍ତ୍ରୀ ସୁନୀତା ଜେନା ଏବଂ ସ୍ୱାମୀ ଦିଲ୍ଲୀପ ଜେନା ଦାବି କରିଛନ୍ତି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ସକାଳ ଘ: ୭.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି



ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଂଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ସ୍ୱଚ୍ଛ ଓଡ଼ିଶା ୬ଷ୍ଠ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ପୌରାଂଚଳରେ ଥିବା ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । (ଫଟୋ-ଦେବବ୍ରତ)



# ଓଡ଼ିଶା ଭିଜିଲାନ୍ସ କବଜାରେ ଡିଆରପି ରାକ୍ଷୀ ମେହେର

କଟକ(ନିପ୍ର): ବରଗଡ଼ ଜିଲ୍ଲାର ଜିଲ୍ଲା ରିସୋର୍ସପର୍ସନ (ଡିଆରପି) ରାକ୍ଷୀ ମେହେର, ବରଗଡ଼ର ଜିଏମ୍, ଡିଆଇସି ଅଧୀନରେ ପ୍ରଧାନମନ୍ତ୍ରୀ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଂଟରପ୍ରାଇଜେସ୍ ( ପି ଏ ମ ଏ ଫ ଏ ମ ଇ ) ଯୋଜନାରେ ଜଣେ ହିତାଧିକାରୀଙ୍କ ଠାରୁ ୮,୬୪,୦୦୦/- ଟଙ୍କା ଋଣର ୩୫% ସବସିଡି ପ୍ରଦାନ କରିବା ପାଇଁ ତାଙ୍କ ବ୍ୟାଙ୍କ ଆକାଉ[ରେ ୩୦,୦୦୦/- (ତିରିଶ ହଜାର ଟଙ୍କା) ଲାଂଚ ଦାବି କରୁଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ସୂଚନା ଏହିଯେ ହିତାଧିକାରୀଙ୍କ ପାଇଁ ଏକ ବେକେରୀ ୟୁନିଟ୍ ପାଇଁ ୮,୬୪,୦୦୦/- ଟଙ୍କା ଋଣ ୧୫.୦୩.୨୦୨୬ ରେ ପ୍ରଦାନ କରାଯାଇଥିଲା । ଋଣ ରାଶି ପ୍ରଦାନ ପରେ, ହିତାଧିକାରୀ ଅଭିଯୁକ୍ତ ଶ୍ରୀମତୀ ମେହେରଙ୍କୁ ସବସିଡି ରାଶି ଅର୍ଥାତ୍ ୩,୦୨,୪୦୦/- ଟଙ୍କା ପ୍ରଦାନ ପାଇଁ ଫାଇଲ୍ ପ୍ରକ୍ରିୟାକରଣ କରିବାକୁ ଅନୁରୋଧ କରିଆସୁଥିଲେ । ସବସିଡି ରାଶି ପ୍ରଦାନ କରିବା ପରିବର୍ତ୍ତେ, ଶ୍ରୀମତୀ ମେହେର ହିତାଧିକାରୀଙ୍କଠାରୁ ୩୦,୦୦୦ ଟଙ୍କା ଲାଂଚ ଦାବି କରିଥିଲେ ଏବଂ ତାଙ୍କୁ ତାଙ୍କ ବ୍ୟାଙ୍କ ଆକାଉଂଟରେ ଲାଂଚ ରାଶି ଜମା କରିବାକୁ କହିଥିଲେ । ଏହା ବ୍ୟତୀତ, ଶ୍ରୀମତୀ ମେହେର ତାଙ୍କ ମୋବାଇଲ୍ ଫୋନରୁ ହିତାଧିକାରୀଙ୍କ ମୋବାଇଲ୍ ନମ୍ବରକୁ ଏସ ଏମ ଏସ ମାଧ୍ୟମରେ ତାଙ୍କର ବ୍ୟାଙ୍କ ଆକାଉଂଟ ନମ୍ବର ମଧ୍ୟ ପଠାଇଥିଲେ । ଯୋଜନାର ଜଣେ ହିତାଧିକାରୀ ଏବଂ ଋଣ ନେଇଥିବାରୁ, ଦାବି କରାଯାଇଥିବା ଲାଂଚ ଦେବା ତାଙ୍କ ପକ୍ଷରେ ନଥିଲା । ଅନ୍ୟ କୌଣସି ଉପାୟ ନପାଇ, ହିତାଧିକାରୀ ତାଙ୍କ ହଇରାଣ ବିଷୟରେ ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଉପରୋକ୍ତ ଅଭିଯୋଗ ଉପରେ ଆଧାର କରି, ୦୬.୦୫.୨୦୨୬ ରେଏଥି ପାଇଁ ଏକ ଯୋଜନା କରାଯାଇଲା, ଯେଉଁଥିରେ ଶ୍ରୀମତୀ ରାକ୍ଷୀ ମେହେରଙ୍କୁ ଗାଇସିଲେଟ୍ ବ୍ଲକ କାର୍ଯ୍ୟାଳୟ ଭିତରେ ଥିବା ତାଙ୍କ କାର୍ଯ୍ୟାଳୟ ରୁମରୁ ଓଡ଼ିଶା ଭିଜିଲାନ୍ସର ଟିମ୍ ଗିରଫ କରିଥିଲା । ଯେତେବେଳେ ସେ ଜଣେ ହିତାଧିକାରୀଙ୍କଠାରୁ ୩୦,୦୦୦/- (ତିରିଶ ହଜାର ଟଙ୍କା) ଅନୁଚିତ ଲାଂଚ ଦାବି କରିବା ସହିତ ନେଉଥିଲେ । ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀମତୀ ମେହେରଙ୍କ ବ୍ୟାଙ୍କ ଆକାଉଂଟରେ ୩୦,୦୦୦/- ଟଙ୍କା ଲାଂଚ ଜମା କରିବା ପରେ, ଶ୍ରୀମତୀ ମେହେରଙ୍କ ମୋବାଇଲ ଫୋନ୍ ଏବଂ ୩୦,୦୦୦ ଟଙ୍କା ଜମା ନିଶ୍ଚିତ କରୁଥିବା ବ୍ୟାଙ୍କ ମେସେଜ୍ ଜବତ କରାଯାଇଛି । ଏହା ବ୍ୟତୀତ ଶ୍ରୀମତୀ ମେହେରଙ୍କ ଭଡାଘରେ ଏକକାଳୀନ ତଲାସ ଆରମ୍ଭ କରାଯାଇଛି । ଗାଇସିଲେଟ ନିକଟସ୍ଥ କଲାଙ୍ଗାପାଲି, ତାଙ୍କ ଜନ୍ମଭୂମି ଏମ୍. ସିରିଗିଡା, ପିଏସ୍-ବିଜେପୁର, ଜିଲ୍ଲା-ବରଗଡ଼ରେ ଘର ଏବଂ ତାଙ୍କ ଅଫିସ୍ ରୁମ୍ । ବରଗଡ଼ ଜିଲ୍ଲାର ଜିଲ୍ଲା ରିସୋର୍ସ ପର୍ସନ ରାକ୍ଷୀ ମେହେର, ବରଗଡ଼ର ଜିଏମ୍, ଡିଆଇସି ଅଧୀନରେ ଗିରଫ ହୋଇଛନ୍ତି ଏବଂ ତାଙ୍କୁ କୋର୍ଟକୁ ପଠାଯାଇଛି । ଏହି ସମ୍ପର୍କରେ, ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୫ ତାରିଖ ୦୫.୦୫.୨୦୨୬ ରେ ୭ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ପଞ୍ଜିକୃତ ହୋଇଛି ଏବଂ ଏହାର ତଦନ୍ତ ଚାଲିଛି ।

# ଜାୱା ୟେଜଦି ମୋଟର ସାଇକେଲ ସୋରୁମ ଉଦ୍‌ଘାଟିତ



ନୟାଗଡ(ନିପ୍ର): ନୟାଗଡ ଦୁର୍ଗାପ୍ରସାଦ ଛକ ନିକଟସ୍ଥ ଏସ. କେ ଅଟୋମୋବାଲି ଜାୱା ୟେଜଦି ମୋଟରସାଇକେଲ ସୋରୁମ ଉଦଘାଟିତ ହୋଇ ଯାଇଛି । ଏହି ଅଟୋମୋବଲି ସୋରୁମ କୁ ନୟାଗଡ ବିଧାୟକ ଡ଼ ଅରୁଣ କୁମାର ସାହୁ ଉଦ୍ଘାଟନ କରିଥିଲେ । ନୟାଗଡ ଜିଲ୍ଲା ରେ ଏହି ସୋରୁମ ନଥିଲା । ଏହି ସୋରୁମ ଖୋଲିବା ପରେ ଯୁବପିଢ଼ି ଙ୍କ ମନରେ ଆନନ୍ଦ ଦେଖା ଦେଇଛି । ସୋରୁମ ମାଲିକ ଶୀତଲ ପଟ୍ଟନାୟକ ଜଣାଇଛନ୍ତି ଯେ ଏଠାରେ ଗାଡି ବିକ୍ରି ସହ, ସ୍ପେୟାର ଓ ଉତମ ମାନର ସେବା ଯୋଗାଇଦିଆଯିବ । ବର୍ତମାନ ଯେଉଁ ମାନେ ଗାଡି କିଣିବା ସହ ବୁକିଂଙ୍ଗି କରିବେ ତାଙ୍କ ମାନଙ୍କ ପାଇଁ ରିହାତି ମିଳିବ । ଏହି ସୋରୁମ ରେଜାୱା ୟେଜଦି ର ୬ରୁ ୭ଟି ମଡେଲ ଗାଡି ଉପଲବ୍ଧ । ସୋରୁମ କୁଆସି ଗ୍ରାହକଚାହିଁଲେ ଫ୍ରି ରାଇଡ କରିପାରବେ, ସୋରୁମ ପ୍ରତିଷ୍ଠାତା ଜଣାଇଛନ୍ତି ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିବସ ପାଳିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ପଂଚାୟତର ମଙ୍ଗଳବାର ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିବସ ପାଳନ ଉପଲକ୍ଷ ଆଶାରେନାଃ ମାର୍ଶାଲ ସଂଗଠନ ଓ ଏସଟିବିବିଏସ କ୍ଲବ ବାଉଁଶବଣି ଦ୍ୱାରା ସକାଳ ୧୦ ଘଟିକାରେ ରକ୍ତଦାନ ଶିବିର ରାୟ ବଳୀୟାର ସିଂହ ଉଚ୍ଚ ବିଦ୍ୟାଳୟ ରାଇବଣିଆ ଆନୁକୁଲ୍ୟରେ ହୋଇ ଯାଇଛି । ବଳରାମ ଟୁଡୁ,ସୁଶାନ୍ତ ଜେନା, ଗଜେନ୍ଦ୍ର ଜେନା, ରଘୁନାଥ ବେହେରା ଆଦି ସଭ୍ୟମାନଙ୍କ ପ୍ରଚେଷ୍ଟାରେ ୧୪ ଇଉନିଟ ରକ୍ତ ସଂଗ୍ରହ ହୋଇ ଥିଲା । ସଂନ୍ଧ୍ୟାରେ ଉଭୟ ସଂଗଠନ ଓ କ୍ଲବ ଦ୍ୱାରା ବାଉଁଶବଣୀ ଖେଳପଡିଆରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଗଠନର ସଭାପତି ଗଣେଶ ସୋରେନଙ୍କ ସଭାପତିତ୍ୱ ରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସାନ୍ତାଳୀ ସିନେ ଷ୍ଟାର ପାର୍ସି ମାରାଣ୍ଡି, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅନୁସୁୟା ପ୍ରଧାନ, ବରିଷ୍ଠ ଅତିଥି ରାଇବଣିଆ ପଂଚାୟତର ପୂର୍ବତନ ସରପଂଚ ସିଙ୍ଗରାୟ ହାଁସଦା, ସମ୍ମାନୀତ ଅତିଥିଙ୍କ ଭିତରୁ ରାଇବଣିଆ ସରପଂଚ ସନ୍ଦୀପ ନାରାଣ ଘୋଷ, ଶିକ୍ଷାବିତ ଲେନିନ ପ୍ରଧାନ ,ଏସଟିବିବିଏସ କ୍ଲବ ସଭାପତି ଅର୍ଜୁନ ହେମ୍ବ୍ରମ, ସନ୍ତୋଷ ରଣା ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଓଲଚିକି ଲିପିର ସୃଷ୍ଟିକର୍ତା ତଥା ସାନ୍ତାଳୀ ଭାଷାର ବ୍ୟାକରଣ, ଉପନ୍ୟାସ ଓ କବିତ ତଥା ନାଟକ ଲେଖି ବିଶ୍ୱ ଦରବାରରେ ସତନ୍ତ୍ର ପରିଚୟ ଦେଇ ଥିବାର ବିଷୟକୁ ବଖାଣି ଥିଲେ । ସମାଜରୁ ନିଶାଠୁ କିପରି ଦୂରେଇ ଶିକ୍ଷିତ ହେବା ଓ ବିଶେଷ କରି ଆଦିବାସୀ ସମାଜର ଯେଉଁ ପରିବାରରେ ଉଭୟ ନାରୀ, ପୁରୁଷ ନୀଶା ସେବନ କରୁଛନ୍ତି, ତାଙ୍କ ପିଲାମାନେ ଶିକ୍ଷା ଠୁ ଦୂରେଇବା ଚିନ୍ତାର ବିଷୟ । ଏଣୁ ନାରୀ ମାନେ ଏହି ନିଶାଠାରୁକିପରି ଦୂରେଇବେ ସେ ନେଇ ସତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଥିଲା । ଅତିଥି ପରିଚୟ ସଂଗଠନର ଆବାହକ ସନ୍ତୋଷ କୁମାର ଜେନା ଦେଇଥିବା ବେଳେ, ଧନ୍ୟବାଦ ଅର୍ପଣ ସାମଲା ହେମ୍ବ୍ରମ ଦେଇଥିଲେ । ବୁଧବାର ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ।

# ନାରୀ ଅଧିକାର ପାଇଁ ଗର୍ଜିଲେ ମହିଳା, ବିଶାଳ “ଜନ ଆକ୍ରୋଶ ମହିଳା ପଦଯାତ୍ରା”




ଖୁଂଟା(ନିପ୍ର): ନାରୀ ଅଧିକାର ଓ ସଶକ୍ତିକରଣ ପ୍ରତି ଦୃଢ଼ ସମର୍ଥନ ଜଣାଇ ଆଜି ଖୁଂଟା ଅଂଚଳରେ ଏକ ବିଶାଳ “ଜନ ଆକ୍ରୋଶ ମହିଳା ପଦଯାତ୍ରା” ଆୟୋଜିତ ହୋଇଛି । କହ୍ନେଇବନ୍ଧ ଓ ଖୁଂଟା ମଣ୍ଡଳ ତରଫରୁ ଆୟୋଜିତ ଏହି ପ୍ରତିବାଦ ରାଲିରେ ବହୁ ସଂଖ୍ୟକ ମହିଳାଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା । ସ୍ଥାନୀୟ ଖୁଂଟା ଡିଗ୍ରୀ କଲେଜ ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଖୁଂଟା ବଜାର ଅଂଚଳ ଦେଇ ପରିକ୍ରମା କରିଥିଲା । ମହିଳାମାନେ ହାତରେ ପ୍ଲାକାର୍ଡ ଧରି “ନାରୀ ଶକ୍ତି ଜିନ୍ଦାବାଦ”, “ନାରୀ ଅଧିକାର ସୁରକ୍ଷିତ ହେଉ” ପରି ସ୍ଲୋଗାନ ଦେଇ ଶକ୍ତିଶାଳୀ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ଏହି ରାଲିରେ ସମ୍ପ୍ରତି ସଂସଦରେ ପାସ୍ ହୋଇନଥିବା ନାରୀ ସଂରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ – ୨୦୨୬) ପ୍ରତି ବିରୋଧୀ ଦଳଙ୍କ ଆପତିକୁ ନେଇ ମହିଳାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନେ କହିଥିଲେ ଯେ ନାରୀଙ୍କ ଅଧିକାର ଓ ସମ୍ମାନ ପ୍ରତି କୌଣସି ରାଜନୈତିକ ବାଧା ସହିବାଯୋଗ୍ୟ ନୁହେଁ । ଏହି ପ୍ରତିବାଦ ରାଲିରେ କହ୍ନେଇବନ୍ଧ ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷ (କାଳିଆ ଭାଇ), ଖୁଂଟା ମଣ୍ଡଳ ସଭାପତି ଛକୁରାମ ସୋରେନ, ଅଞ୍ଜ କିଶୋର ଜେନା, ପୂର୍ବତନ ସଭାପତି ଭବାନୀ ଶଙ୍କର ଲେଙ୍କା, ସୁଶାନ୍ତ ମହାପାତ୍ର, ମଦନ ପାତ୍ର, ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମଢୁଆଳ, ପଦ୍ମଲୋଚନ ନାୟକ, ଜଟାଧାରୀ କର, ସୁଦର୍ଶନ ପୁଥାଳ, ବାହାଦୂର ମହାନ୍ତ , ଶୁଭମ କୁମାର ପାତ୍ର, ସର୍ଦାର ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ଦେଇଥିଲେ । ସେମାନଙ୍କ ନେତୃତ୍ୱରେ ମହିଳାମାନେ ଏକତ୍ରିତ ହୋଇ ନାରୀ ସଶକ୍ତିକରଣ ପ୍ରତି ଦୃଢ଼ ସମର୍ଥନ ଜଣାଇଥିଲେ । “ପରିବେଶ ଉତ୍ସାହ ଓ ଶକ୍ତିରେ ଭରିଯାଇଥିଲା । ରାଲିର ସଫଳ ଆୟୋଜନରେ ବାରିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରକାଶ ସୋରେନ ମଧ୍ୟ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ । ଶେଷରେ ଆୟୋଜକମାନେ କହିଥିଲେ ଯେ, ଏହି ଆନ୍ଦୋଳନ କେବଳ ଏକ ଦିନର ପ୍ରତିବାଦ ନୁହେଁ, ଏହା ନାରୀ ଅଧିକାର ଓ ସମ୍ମାନ ପାଇଁ ଆଗାମୀ ଦିନରେ ଆହୁରି ଦୃଢ଼ ଆନ୍ଦୋଳନର ଆରମ୍ଭ।

# ବୈତରଣୀ ନଦୀରୁ ଦିନ ଦ୍ୱିପ୍ରହରରେ ବାଲି ଲୁଟ୍: ବିପଦରେ ନଦୀବନ୍ଧ, ନିଦାବିଷ୍ଟ ସାଜିଛି ପ୍ରଶାସନ



ଧାମନଗର(ନିପ୍ର): ଧାମନଗର ତହସିଲ ଅନ୍ତର୍ଗତ ଅର୍ଜୁନପୁର ପଂଚାୟତର ମମାଦୁଲା ଅଂଚଳ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି । ବୈତରଣୀ ନଦୀ ପଠାରୁ ଦୈନିକ ଶହ ଶହ ଟ୍ରାକ୍ଟର ରେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନର ନୀରବତା ସ୍ଥାନୀୟ ଅଂଚଳରେ ଅସନ୍ତୋଷ ସୃଷ୍ଟି କରିଛି । ମାଫିଆମାନେ ବାଲି ବୋହିବା ପାଇଁ ମମାଦୂଲା ଗ୍ରାମ ନିକଟରେ ନଦୀବନ୍ଧକୁ କାଟି ମନଇଛା ଗଡ଼ା ତିଆରି କରିଛନ୍ତି । ଏହାଦ୍ୱାରା ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି । ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ବନ୍ଧର ମରାମତି ହେଉନାହିଁ । ଯଦି ବନ୍ଧରେ ଘାଇ ସୃଷ୍ଟି ହୁଏ, ତେବେ ସମ୍ପୂର୍ଣ୍ଣ ଅଂଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି । ବାରମ୍ବାର ବାଲି ଉତୋଳନ ଯୋଗୁଁ ନଦୀ ମଧ ଗଭୀର ହେବାରେ ଲାଗିଛି, ଯାହା ପରିବେଶ ପାଇଁ ଏକ ବଡ଼ ବିପଦ । ଧାମନଗର ଜଳସେଚନ ବିଭାଗ ଅଧୀନରେ ଥିବା ରାସ୍ତା ଦେଇ ଦିନରାତି ଶହ ଶହ ବେଆଇନି ବାଲି ବୋଝେଇ ଟ୍ରାକ୍ଟର ଚଳାଚଳ କରୁଛି । ଫଳରେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି । ସ୍ଥାନୀୟ ଲୋକେ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସହିତ ଟ୍ରାକ୍ଟର ଗୁଡ଼ିକର ବିକଟାଳ ଶବ୍ଦରେ ଗ୍ରାମବାସୀଙ୍କ କାନ ଫାଟି ପଡୁଛି, ଯାହା ସାଧାରଣ ଜୀବନ ଯାପନକୁ ଦୁର୍ବିଷହ କରିଦେଇଛି । ବଡ଼ ବିଡ଼ମ୍ବନାର ବିଷୟ ଯେ, ସ୍ଥାନୀୟ ଅଂଚଳରେ ଦିନ ଦ୍ୱିପ୍ରହରରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ତହସିଲ ପ୍ରଶାସନ କିମ୍ବା ଖଣି ବିଭାଗ କୌଣସି କଠୋର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ପ୍ରଶାସନର ଏହି ଚୁପ୍ ରହିବା ପଛରେ ମାଫିଆଙ୍କ ସହ କୌଣସି ମଧୁଚନ୍ଦ୍ରିକା ରହିଛି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ଏହି ବେଆଇନ ବାଲି ଚୋରା ଚାଲାଣ ବନ୍ଦ କରାଯାଉ, କଟାଯାଇଥିବା ନଦୀବନ୍ଧର ମରାମତି ହେଉ ଏବଂ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନଚେତ୍ ଆଗାମୀ ଦିନରେ ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି । ଏ ଦିଗରେ ଜଳସେଚନ ବିଭାଗ ର କନିଷ୍ଠ ଯନ୍ତ୍ରୀ ବିମଳ ବେହେରା କହିଛନ୍ତି ବାରମ୍ବାର ଉକ୍ତ ରାସ୍ତା କୁ କାଟି ଦୈନିକ ବାଲି ମାଟି ବୋଝେଇ କରି ଟ୍ରାକ୍ଟର ଚଳାଚଳ କରୁଥିବାରୁ ବନ୍ଧ ଦୁର୍ବଳ ହେଉଚି ସେମାନଙ୍କୁ କହିଲେ ନାଲି ଆଖି ଦେଖାଉଛନ୍ତି , ତେବେ ଏ ନେଇ ଥାନାରେ ଆଶ୍ରୟ ନିଆଯିବ ବୋଲି ଶ୍ରୀ ବେହେରା କହିଚନ୍ତି ।

# ପବ୍ଲିକ ସ୍କୁଲ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଶତ ପ୍ରତିଶତ କୃତ କାର୍ଯ୍ୟ



ସୋର(ନିପ୍ର): ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପାଇକ୍ଷାରେ ସୋର ପବ୍ଲିକ ସ୍କୁଲର ଛାତ୍ର ଛାତ୍ରୀ ମାନେ କୃତିତ୍ୱର ସହ ପାସ ହାର ଶତ ପ୍ରତିଶତ ହୋଇଛି । ସୋର କମରପୁର ସ୍ଥିତ ପବ୍ଲିକ ସ୍କୁଲର ପ୍ରଥମ ବ୍ୟାଚ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ, ଭଜହରୀ ବିଦ୍ୟାପୀଠ ଦହୀପୁର ମାଧ୍ୟମରେ ମୋଟ ୧୬ ଜଣ ପରୀକ୍ଷା ଦେଇ ସମସ୍ତ ପରୀକ୍ଷାର୍ଥୀ କୃତିତ୍ୱର ସହ ପାସ କରିଛନ୍ତି । ତନ୍ମଧ୍ୟରୁ ଦୁଇଜଣ ଛାତ୍ରୀ ଗାର୍ଗୀ ନାୟକ, ୫୬୧ ନମ୍ବର ଏବଂ ସ୍ୱୟଂପ୍ରଭା ବିଶ୍ୱାଳ ୫୪୦ ନମ୍ବର ରଖି ଏ୧ରେ ପାସ କରିଥିବା ବେଳେ ୬ ଜଣ ଇ୨ ରେ ଏବଂ ଇ୧ରେ ୫ ଜଣ B2ରେ ୩ ଉତୀର୍ଣ୍ଣ ହୋଇ ବିଦ୍ୟାଳୟର ମାନ ବଢ଼ାଇଛନ୍ତି । ଏଥିପାଇଁ ଗତ କାଲି ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ବେଳେ ବିଦ୍ୟାଳୟର ସଭାପତି ମାୟାଧର ନାୟକ, ସମ୍ପାଦକ ଶ୍ରୀଧର ପ୍ରସାଦ ବେହେରା, ଅଧକ୍ଷ ମହେଶ୍ୱର ପଣ୍ଡା, ପ୍ରଦୀପ କୁମାର ଦାଶ, ଅନାମ ପ୍ରସାଦ ବାରିକ, ପ୍ରଶାନ୍ତ କୁମାର ଦାସ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମ ନାରାୟଣ ଦାସ, ଦିବାକର ସାହୁ, ଗୌରାଙ୍ଗ ଖୁଂଟିଆ, ଗୁଲତାଜ ଖାଁ, ସନ୍ତୋଷ କୁମାର ନାୟକ, ଡମ୍ବରୁ ଧର ଜେନା,ରମେଶ ଚନ୍ଦ୍ର ମହାପାତ୍ର, ବିବେକ ମହାପାତ୍ର, ବିଦ୍ୟୁସ୍ମିତା ନାୟକ,କା*ନ ବିଶ୍ୱାସ, ଅଞ୍ଜୁ ରାଣୀ ରାଏ, ଭାଗ୍ୟଶ୍ରୀ ଖୁଂଟିଆ , ସୀମା ବାରିକ, ବବିତା ଜେନା, ୟାସ୍ମିନ ପରବିନ ପ୍ରଭୃତି ଉପସ୍ଥିତି ରହି ପିଲାମାନେ ଭବିଷ୍ୟତ ଗଠନ ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ ।

**OFFICE OF THE CDM & PHO-CUM-DISTRICT MISION DIRECTOR, NHM, JHARSUGUDA**
**District Programme Mangement Unit (DPMU), NHM, Dist Headquarter Hospital,**
**At: Malimunda, Post: OSAP Lane, Dist: Jharsuguda-PIN: 768204 (Odisha)**
**Notice No. 2230 / Date: 05.05.2026**
**QUOTATION CALL NOTICE**

Sealed quotations are invited from the intending reputed Firms / suppliers/ distributor etc. having valid PAN & GST no. to offer their rates for supply Patient & visitor Water Coolers , **at DHH Jharsugda**. The willing bidders are requested to submit their sealed quotations to the office of the undersigned (CDM/PHO, Jharsuguda Pin- 768204) by speed post/ Regd. Post/ Courier on or before dated- 12.05.2026 till 5.00 P.M. The said quotation will be opened on date 13.05.2026 at 11.30 A.M. in the office Chamber of the undersigned. The bidders or their representatives are requested to remain present in the fixed date & time for opening of quotations. Any quotations submitted after the above scheduled date will not be entertained by the undersigned.

The authority reserves the right to ascent or rejects any or all quotations without assigning any reason thereof.

SD/-
CDM/PHO
Jharsuguda

No. 19001/42/2627

**OFFICE OF THE PANCHAYAT SAMITI, KHUNTA**
**No. 1444 Date:- 29.04.2026**
**Annexure- 'A'**

**TENDER CALL NOTICE**

The block development officer ,Khunta on behalf of government of odisha invites sealed tender On percentage rate basis from registered contractors of odisha PWD/WR/RWD/ NH/ MI/CPWD & PH conformity with the detail tender call notice (DTCN) of the following work as mentioned below.

| Sl no | NAME OF THE WORK | TENDER VALUE | EMD IN RUPEES | COST OF TENDER PAPER IN RUPEES | PERIOD OF COMPLIT ION | CLASS OF BIDDER |
|---|---|---|---|---|---|---|
| 1 | Construction of 50 mt godown at Bahanada LAMPCS | Rs1366724/- | Rs13667/- | Rs 6000/- | 4 months | C&D |
| 2 | Construction of 50 mt godown at Basipitha LAMPCS | Rs1366724/- | Rs13667/- | Rs 6000/- | 4 months | C&D |
| 3 | Construction of office building at Bahanada LAMPCS | Rs1136139/- | Rs11361/- | Rs 6000/- | 4 months | C&D |
| 4 | Construction of office building at Basipitha LAMPCS | Rs1136139/- | Rs11361/- | Rs 6000/- | 4 months | C&D |
| 5 | Construction of conference hall at Khunta block office | Rs 1675000/- | Rs16750/- | Rs 6000/- | 4 months | C&D |
| 6 | Development and beautification of Tunki Tourist place under bholagadia Gp | R2260000/- | Rs22600/- | Rs 6000/- | 4 months | B&C |

**For detail terms and condition please visit our website. Mayurbhanj.odisha.gov.in**

**Sd/-**
**Block development officer**
**Khunta**

**OIPR. 19001/19152/1/26-27/0002**











ଅନ୍ୟ ପ୍ରତି ବିଶ୍ୱାସ ସ୍ଥାପନ ନ କରିବା ସହଜ କଥା ନୁହେଁ, ସେଥିପାଇଁ ଦୃଢ଼ ମନୋବଳ ଦରକାର ।

# ଆଜିକାଲି



ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ
ନରକେଽନିୟତଂ ବାସୋ
ଭବତୀତ୍ୟନୁଶୁଶ୍ରୁମ୍ ।
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ :ହେ ଜନାର୍ଦ୍ଦନ ! ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଏ, ଶାସ୍ତ୍ରମତେ ସେମାନେ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ନରକବାସ କରନ୍ତି ବୋଲି ଆମେ ଶୁଣିଆସିଛୁ ।

## ଜଳବାୟୁ ପରିବର୍ତନ ତଥା ବିଶ୍ୱତାପମାତ୍ରା ନିୟନ୍ତ୍ରଣ

ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମଓ) ତାପମାତ୍ରା ବୃଦ୍ଧି ନେଇ ତାର ବାର୍ଷିକ ରିପୋର୍ଟରେ ଅଗାମୀ ଏକ ଦଶନ୍ଧି ପାଇଁ ଯେଉଁ ପୂର୍ବାନୁମାନ କରିଛି ତହିଁରେ ଆସନ୍ତା ୫ ବର୍ଷ ମଧ୍ୟରେ ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍ ବଢ଼ିବା ନେଇ ଜାରି କରିଥିବା ଚେତାବନୀ ନିଶ୍ଚିତ ଭାବେ ମାନବ ସମାଜ ଓ ଜୀବଜଗତ ପାଇଁ ଚିନ୍ତାର କାରଣ । ବିଶ୍ୱସ୍ତରର ଜଳବାୟୁ ଗବେଷକମାନଙ୍କ ଗବେଷଣା ଲବ୍ଧ ତଥ୍ୟକୁ ଆଧାର କରି ଜର୍ଣ୍ଣାଲ ସାଇନ୍ସରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ପ୍ରମୁଖ ମଧୁର ଜଳ ଉତ୍ସଗୁଡିକ ବାର୍ଷିକ ପ୍ରାୟ ୨୨ ଗିଗାଟନ ହାରରେ ଜଳ ହରାଉଛନ୍ତି । ଏସିଆ ମହାଦେଶର କାସ୍ପିଆନ ସାଗର ଠାରୁ ଆରମ୍ଭ କରି ୟୁରୋପ ଏବଂ ଦକ୍ଷିଣ ଆମେରିକାର ବହୁ ପ୍ରାକୃତିକ ହ୍ରଦ ବିଶ୍ୱ ତାପମାତ୍ରାର ଶିକାର ହୋଇଛନ୍ତି । ଏହି ସମସ୍ତ ପ୍ରାକୃତିକ ହ୍ରଦ, ଜଳଭଣ୍ଡାରରେ ୫୬ ପ୍ରତିଶତ ଜଳ ରାଶି ଶୁଖିଗଲାଣି । ତେବେ ଏହା କେବଳ ବିଶ୍ୱ ତାପମାତ୍ରା ଯୋଗୁଁ ନୁହେଁ, ମନୁଷ୍ୟଙ୍କ ଜଳର ବ୍ୟବହାର ଓ ଅପ-ବ୍ୟବହାରକୁ ମଧ ଏଥିପାଇଁ ଦାୟୀ କରାଯାଇପାରେ । ୧୯୯୦ ଦଶକ ଆରମ୍ଭରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବାବେଳେ ବର୍ତମାନ ସୁଦ୍ଧା ୨ହଜାରରୁ ଉର୍ଦ୍ଧ୍ୱ ବୃହତ ହ୍ରଦ ଏଥିରେ ପ୍ରଭାବିତ ହୋଇଛନ୍ତି । କେବଳ ଏତିକି ନୁହେଁ, ଜଳବାୟୁ ପରିବର୍ତନ ତଥା ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱର ବହୁ ଅଂଚଳ ଶୁଷ୍କ ହେବା ସହ ଜଳସ୍ତର ମଧ ହ୍ରାସ ପାଇବାରେ ଲାଗିଛି । ଏପରିକି ମଧ ପ୍ରାକୃତିକ ହ୍ରଦର ଆଖପାଖ ଅଂଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ଆଦ୍ରତା ଅଧିକ ରହୁଥିବା ଅଂଚଳରେ ମଧ୍ୟ ଜଳ ହ୍ରାସ ଅଧିକ ମାତ୍ରାରେ ଦେଖିବାକୁ ମିଳିବ । ଏହାଦ୍ୱାରା ଜଳାଭାବ ହେବା କେତେକ ଅଂଚଳ ମରୁଭୂମିରେ ପରିଣତ ହେବା ଆଶଙ୍କା ଦେଖାଦେବ । ଅନ୍ୟପକ୍ଷରେ ଶୁଖିଯାଉଥିବା ହ୍ରଦ ତଥା ପ୍ରାକୃତିକ ଜଭଭଣ୍ଡାରର ଅବାବାହିକାରେ ବସବାସ କରୁଥିବା ପ୍ରାୟ ୨୦୦କୋଟିରୁ ଅଧିକ ଲୋକ ଏହାଦ୍ୱାରା ପ୍ରଭାବିତ ହେବେ । ବିଶ୍ୱର ମୋଟ ଜନସଂଖ୍ୟା ଏବେ ୮୦୦ କୋଟି ଅତିକ୍ରମ କରିଥିବାବେଳେ ଏବେ ଯେଉଁ ହାରରେ ତାପମାତ୍ରା ବଢ଼ିବାରେ ଲାଗିଛି, ଚଳିତ ଶତାବ୍ଦୀ ଶେଷ ବେଳକୁ ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ତଥା ୪୦୦କୋଟିରୁ ଅଧିକ ଲୋକ ଉତ୍କଟ ଜଳାଭାବର ସମ୍ମୁଖୀନ ହେବା ଆଶକାଙ୍କୁ ଏଡାଇ ଦେଇ ହେବ ନାହିଁ ବୋଲି ଜର୍ଣ୍ଣାଲ ସାଇନସ୍ ରିପୋଟରେ କଡା ଚେତାବନୀ ଦେଇଛି । ତେବେ ଜଳାଭାବ ସମ୍ପର୍କରେ କେବଳ ବିଶ୍ୱତାପମାତ୍ରାକୁ ଦାୟୀ କରାଯାଇପାରିବ ନାହିଁ, ଲୋକମାନଙ୍କ ମନଇଛା ଜଳ ବ୍ୟବହାର, ଜଳର ବ୍ୟାପକ ଅପଚୟ ମଧ ହ୍ରଦଗୁଡିକ ଶୁଖିଯିବା ଅନ୍ୟତମ କାରଣ । ଯଦି ଜନସାଧାରଣ ବେଳହୁଁ ସାବଧାନ ନହେବେ, ସଚେତନ ନହେବେ ତେବେ ଆସନ୍ତା ବର୍ଷ ଗୁଡିକରେ କୃଷି, ଶିଳ୍ପକୁ ଜଳଯୋଗାଣ, ଜଳ ବିଦ୍ୟୁତ ଉତ୍ପାଦନ ଏବଂ ଲୋକଙ୍କ ନିତ୍ୟ ବ୍ୟବହାର କ୍ଷେତ୍ରରେ ଉତ୍କଟ ଜଳାଭାବ ସୃଷ୍ଟି ହେବ, ଏଥିରେ ଆଦୌ ସନ୍ଦେହ ନାହିଁ । ଡବ୍ଲ୍ୟୁଏମ ପକ୍ଷରୁ ଭାରତ ପାଇଁ ଯେଉଁ ଚେତାବନୀ ଦିଆଯାଇଛି ତାହା ମଧ୍ୟ ଚିନ୍ତାଜନକ । ବିଶ୍ୱ ପାଣିପାଗ ପରବର୍ତନ ଯୋଗୁଁ ଭାରତରେ ମୌସୁମୀ ବର୍ଷା ପ୍ରଭାବିତ ହେବ । ମୌସୁମୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଭାରତର କୃଷି କ୍ଷେତ୍ର ମଧ ସମ୍ପୂର୍ଣ୍ଣ ବିପର୍ଯ୍ୟାୟ ହୋଇପଡିବ, ଯାହାକି ଚିନ୍ତାଜନକ ବୋଲି କୁହାଯାଇ ପାରେ । ସେହିପରି ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ବଙ୍ଗୋପ ଓ ଆରବ ସାଗରରେ ଅଧିକରୁ ଅଧିକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବ । ତେବେ ଭାରତରେ ପାଣିପାଗ ଆକଳନ ସଠିକ ଥିବା ଯୋଗୁଁ କେତେକାଂଶରେ କ୍ଷୟକ୍ଷତିକୁ ରୋକାଯାଇପାରିଛି । ଜଳବାୟୁ ପରିବର୍ତନ ତଥା ବିଶ୍ୱତାପମାତ୍ରା ନିୟନ୍ତ୍ରଣ ପାଇଁ ସମଗ୍ର ବିଶ୍ୱର ରାଷ୍ଟ୍ରମାନେ ମିଳିତ ଭାବେ କାର୍ଯ୍ୟ କରିବାରେ ସାଫଲ୍ୟ ଅର୍ଜନ କରିଛନ୍ତି ।

## ବହୁମୁଖୀ ପ୍ରତିଭାରେ ସମୃଦ୍ଧ କବିବର ରବୀନ୍ଦ୍ରନାଥ ଠାକୁର

◆ ଅସିତ ମହାନ୍ତି

କବିଗୁରୁ ରବୀନ୍ଦ୍ରନାଥ ଠାକୁର(୭ ମଇ ୧୮୬୧ -୭ ଅଗଷ୍ଟ ୧୯୪୧) ଗୁରୁଦେବ ନାମରେ ମଧ ଜଣାଶୁଣା । ଗୁରୁଦେବ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ । ସେ ଜଣେ କବି, ସାହିତ୍ୟିକ, ଦାର୍ଶନିକ, ନାଟ୍ୟକାର, ସଂଗୀତଜ୍ଞ ଏବଂ ଚିତ୍ରକାର ଥିଲେ । ୧୯୧୩ ମସିହାରେ ବିଶ୍ୱ ପ୍ରସିଦ୍ଧ ମହାକାବ୍ୟ ଗୀତାଞ୍ଜଳି ସୃଷ୍ଟି ପାଇଁ ତାଙ୍କୁ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରା ଯାଇଥିଲା । ସାହିତ୍ୟ କ୍ଷେତ୍ରରେ ନୋବେଲ ଜିତିବାରେ ସେ ହେଉଛନ୍ତି ଏକମାତ୍ର ଭାରତୀୟ । ରବୀନ୍ଦ୍ରନାଥ ଟାଗୋର ୭ ମଇ ୧୮୬୧ ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦେବେନ୍ଦ୍ରନାଥ ଟାଗୋର ଏବଂ ମାତାଙ୍କ ନାମ ଶାରଦା ଦେବୀ । ସେଂଟ ଜାଭିୟର୍ ସ୍କୁଲରେ ତାଙ୍କର ପାଠପଢା ସମାପ୍ତ କରିବା ପରେ, ସେ ୧୮୭୮ ମସିହାରେ ଇଂଲଣ୍ଡର ବ୍ରିଜେଟନ୍ ସ୍ଥିତ ଏକ ସରକାରୀ ବିଦ୍ୟାଳୟରେ ଯୋଗ ଦେଇଥିଲେ । ସେ ଲଣ୍ଡନ ବିଶ୍ୱ ବିଦ୍ୟାଳୟରେ ଆଇନ ଅଧ୍ୟୟନ କରିଥିଲେ କିନ୍ତୁ ୧୮୮୦ ମସିହାରେ ଡିଗ୍ରୀ ବିନା ଭାରତ ଫେରିଥିଲେ । ରବୀନ୍ଦ୍ର ନାଥ ଠାକୁର ମାନବିକତାକୁ ଜାତୀୟତା ଠାରୁ ଅଧିକ ଉଚ୍ଚରେ ରଖୁଥିଲେ । ଗୁରୁଦେବ କହିଥିଲେ, ଯେପର୍ଯ୍ୟନ୍ତ ମୁଁ ବଂଚିଛି, ମୁଁ ମାନବିକତା ଉପରେ ଦେଶପ୍ରେମର ବିଜୟକୁ ଅନୁମତି ଦେବି ନାହିଁ । ରବୀନ୍ଦ୍ରନାଥ ଗାନ୍ଧିଜୀଙ୍କୁ ବହୁତ ସମ୍ମାନ କରୁଥିଲେ । କିନ୍ତୁ ଜାତୀୟତା, ଦେଶପ୍ରେମ, ସାଂସ୍କୃତିକ ଚିନ୍ତାଧାରାର ଆଦାନପ୍ରଦାନ, ଯୁକ୍ତିଯୁକ୍ତତା ଉପରେ ସେ ସେମାନଙ୍କଠାରୁ ଭିନ୍ନ ମତ ରଖୁଥିଲେ । ପ୍ରତ୍ୟେକ ବିଷୟ ଉପରେ ରବୀନ୍ଦ୍ରନାଥଙ୍କ ଆଭିମୁଖ୍ୟ କମ୍ ପାରମ୍ପାରିକ ଏବଂ ଅଧିକ ଯୁକ୍ତିଯୁକ୍ତ ଥିଲା, ଯାହା ବିଶ୍ୱ କଲ୍ୟାଣ ସହିତ ଜଡିତ ଥିଲା । ରବୀନ୍ଦ୍ରନାଥ ହିଁ ଗାନ୍ଧିଜୀଙ୍କୁ ମହାତ୍ମା ଆଖ୍ୟା ଦେଇଥିଲେ । ଗୁରୁଦେବ ବଙ୍ଗଳା ସାହିତ୍ୟ ମାଧ୍ୟମରେ ଭାରତୀୟ ସାଂସ୍କୃତିକ ଚେତନାରେ ନୂତନ ଜୀବନ ପ୍ରବେଶ କରିଥିଲେ । ସେ ହେଉଛନ୍ତି ଏକମାତ୍ର କବି ଯାହାର ଦୁଇଟି ରଚନା ଦୁଇ ଦେଶର ଜାତୀୟ ସଂଗୀତରେ ପରିଣତ ହୋଇଥିଲା । ଭାରତର ଜାତୀୟ ସଂଗୀତ 'ଜନ-ଗଣ-ମନ' ଏବଂ ବାଂଲାଦେଶର ଜାତୀୟ ସଂଗୀତ 'ଆମାର ସୋନାର ବଙ୍ଗଳା' ଗୁରୁଦେବଙ୍କ ରଚନା । ଭଗବାନ ଏବଂ ମଣିଷ ମଧ୍ୟରେ ଥିବା ପ୍ରାଥମିକ ସମ୍ପର୍କ ତାଙ୍କ କାର୍ଯ୍ୟରେ ବିଭିନ୍ନ ରୂପରେ ଦେଖାଯାଏ । ସାହିତ୍ୟର କୌଣସି ଧାରା ନାହିଁ ଯେଉଁଥିରେ ସେ ରଚନା କରିନାହାଁନ୍ତି - ଗୀତ, କବିତା, ଉପନ୍ୟାସ, ଗଳ୍ପ, ନାଟକ, ପରିଚାଳନା, ମୂର୍ତି, ତାଙ୍କର ସୃଷ୍ଟି ସବୁ ଧାରାବାହିକରେ ବିଶ୍ୱ ପ୍ରସିଦ୍ଧ । ତାଙ୍କ ସୃଷ୍ଟିରେ ଗୀତାଞ୍ଜଳି, ଗୀତାଳି, ଗୀତିମଲ୍ୟ, କଥା ଓ କାହାଣି , ଶିଶୁ, ଶିଶୁ ଭୋଲନାଥ, କନିକା, କ୍ଷଣିକା, ଖେୟା ଇତ୍ୟାଦି ପ୍ରମୁଖ । ସେ ଅନେକ ପୁସ୍ତକ ଇଂରାଜୀରେ ଅନୁବାଦ କରିଥିଲେ । ଇଂରାଜୀ ଅନୁବାଦ ପରେ, ତାଙ୍କର କାର୍ଯ୍ୟ ପୁରାବିଶ୍ୱରେ ବ୍ୟାପିଗଲା ଏବଂ ପ୍ରସିଦ୍ଧ ହେଲା । ୧୯୦୧ ମସିହାରେ ଗୁରୁଦେବ ସିଆଲଦା ଛାଡି ଶାନ୍ତିନିକେତନକୁ ଆସିଥିଲେ । ଟାଗୋର ଗଛ, ବଗିଚା ଏବଂ ଲାଇବ୍ରେରୀ ସହିତ ପ୍ରକୃତିର କୋଳରେ ଶାନ୍ତିନିକେତନ ପ୍ରତିଷ୍ଠା କରିଥିଲେ । ଟାଗୋର ଏଠାରେ ବିଶ୍ୱ-ଭାରତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଟାଗୋର ରେ ତାଙ୍କର ଅନେକ ସାହିତ୍ୟିକ କୃତି ଲେଖିଥିଲେ ଏବଂ ଏଠାରେ ଥିବା ତାଙ୍କ ଘର ଐତିହାସିକ ଭାବେ ଗୁରୁତ୍ୱପୂର୍ଣ୍ଣ । ରବୀନ୍ଦ୍ରନାଥ ରବୀନ୍ଦ୍ରନାଥ ପ୍ରାୟ ୨୨୩୦ ଗୀତ ରଚନା କରିଥିଲେ । ରବୀନ୍ଦ୍ର ସଂଗୀତ ବଙ୍ଗଳା ସଂସ୍କୃତିର



ଏକ ଅବିଚ୍ଛେଦ୍ୟ ଅଙ୍ଗ । ଟାଗୋରଙ୍କ ସଙ୍ଗୀତ ତାଙ୍କ ସାହିତ୍ୟରୁ ଅଲଗା ହୋଇପାରିବ ନାହିଁ । ତାଙ୍କର ଅଧିକାଂଶ ରଚନା ବର୍ତମାନ ତାଙ୍କ ଗୀତରେ ଅନ୍ତର୍ଭୁକ୍ତ ହୋଇଛି । ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତର ଠୁମରୀ ଶୈଳୀ ଦ୍ୱାରା ପ୍ରଭାବିତ ଏହି ଗୀତଗୁଡ଼ିକ ମାନବ ଭାବନାର ଅନେକ ଛାଇ ଉପସ୍ଥାପନ କରେ । ବିଭିନ୍ନ ରାଗରେ ଗୁରୁଦେବଙ୍କ ଗୀତଗୁଡ଼ିକ ଏକ ଭାବନା ଦେଇଥାଏ ଯେପରି ସେଗୁଡ଼ିକ କେବଳ ସେହି ନିର୍ଦ୍ଦିଷ୍ଟ ରାଗ ପାଇଁ ରଚନା କରାଯାଇଥିଲା । ରବିନ୍ଦ୍ରନାଥ ଠାକୁରଙ୍କ ବ୍ୟକ୍ତିତ୍ୱ ଏବଂ ବିଚାରର ଗଭୀରତା- ତାଙ୍କ ଦ୍ୱାରା ଲିଖିତ &#୩୯;ରୁଷିଆର ଚିଠି&#୩୯; ରୁ ଜ୍ଞାତ ହୁଏ । ବାସ୍ତବରେ ଋଷର ବିକାଶ ତାଙ୍କୁ ଆକର୍ଷିତ କରିଥିଲା . ରୁଷିଆ ଚିଠିରେ ସେ ଲେଖିଛନ୍ତି – ଶେଷରେ ମୁଁ ରୁଷିଆରେ ପହଂଚିଲି. ଏଠି ଯାହା ଦେଖୁଛି ଖାଲି ଯାଦୁ ପରି ମନେ ହେଉଛି. ପୃଥିବୀର ସବୁ ଦେଶଠାରୁ ଏଠି ନିଆରା -ଏକାବେଳେକେ ମୂଳରୁ ଅଲଗା । ମୂଳରୁ ଶେଷଯାଏ ସକଳ ମଣିଷକୁ ଏମାନେ ସମାନ କରି ଜାଗ୍ରତ କରିବାରେ ଲାଗିଛନ୍ତି । ଆମର ସମସ୍ତ ସମସ୍ୟା ସମାଧାନର ବଡ ରାସ୍ତା ହେଉଛି ଶିକ୍ଷା । ଋଷରେ ଶିକ୍ଷା ସମାଜର ସବୁ ସ୍ତରରେ ପହଂଚିଛି, ତାହା ଦେଖିଲେ ଅବାକ ଲାଗୁଛି . କେବଳ ସଂଖ୍ୟାରେ ନୁହେଁ , ତା&#୩୯;ର ସମ୍ପୂର୍ଣ୍ଣତା ଓ ପ୍ରବଳତାରେ ହିଁ ଶିକ୍ଷାର ପରିମାଣ ନିହିତ । ଜଣେ ହେଲେ କେହି ଯେପରି ନିଃସହାୟ କର୍ମହିନ ହୋଇ ବସି ନରହେ , ଏଥିଲାଗି ଏଠି କି ପ୍ରଚର ଆୟୋଜନ ଏବଂ ବିପୁଳ ଆୟୋଜନ ଚାଲିଛି . ...ସେ ଲେଖିଛନ୍ତି, ରୁଷିଆ ଦେଶକୁ ଆସିଛି , ନହେଲେ ଏ ଜନ୍ମର ତୀର୍ଥ ଦର୍ଶନ ଅସମ୍ପୂର୍ଣ୍ଣ ରହିଯାଇଥାନ୍ତା । ଏଠାରେ ଏମାନେ ଯେଉଁ ବିଶାଳ କର୍ମକାଣ୍ଡ କରିଛନ୍ତି,ତାର ଭଲମନ୍ଦ ବିଚାର କରିବା ପୂର୍ବରୁ ସର୍ବପ୍ରଥମେ ମନେହୁଏ , ଏମାନଙ୍କ ସାହସ କି ଅସମ୍ଭବ ! ସନାତନର ଆସନ ଏକମେଳେକେ ନିଷ୍ଚିହ୍ନ କରି ଦେଇ ନୂତନର ଆସନ ତିଆରି କର ହୋଇଛି . ପଶ୍ଚିମ ମହାଦେଶ ବିଜ୍ଞାନର ଜାଦୁବଳରେ ନାନା ଦୁଃସାଧ ସାଧନ କରୁଛି , ଦେଖିଲେ ମନେ ମନେ ମୁଁ ତାର ପ୍ରଶଂଶା କରେ ।କିନ୍ତୁ ଏ ଦେଶରେ ଯେଉଁ କର୍ମକାଣ୍ଡ ଚାଲିଛି,ତାକୁ ଦେଖି ମୁଁ ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ହୋଇଛି । ଖାଲି ଯଦି ଗୋଟାଏ ଭାଙ୍ଗିରୁଜି ପକାଇବାର କାଣ୍ଡ ହୋଇଥାନ୍ତା, ତେବେ ସେଥିରେ ବେଶୀ ଆଶ୍ଚର୍ଯ୍ୟ ହେବାର କିଛି ନଥାନ୍ତା , କାରଣ ଭାଙ୍ଗିରୁଜି ସାବାଡ଼ କରିଦେବା ଲାଗି ଏମାନଙ୍କର ଅନେକ ବଳ ରହିଛି , କିନ୍ତୁ ଗୋଟାଏ ସୁଦୂର ପ୍ରସାରି କ୍ଷେତ୍ରରେ ଏମାନେ ଏକ ନୂଆ ଜଗତ ଗଢିବା ଲାଗି ଅଂଟା ଭିଡି ଲାଗିଛନ୍ତି । କିନ୍ତୁ ଦୁଃଖର କଥା ସେହି ଋଷ ଆଜି ନାହିଁ । ପୁଞ୍ଜିବାଦୀ ରକ୍ତପିଶାଚମାନେ ଏହାକୁ ଭାଙ୍ଗି ଛାରଖାର କରି ଦେଇଛନ୍ତି । ଯୁଦ୍ଧ ଉନ୍ମାଦ, ବେଶ୍ୟାବୃତି, ଅନାହାର, ବେରୋଜଗାରୀ, ଆକାଶ ଛୁଆଁ ମୂଲ୍ୟବୃଦ୍ଧିର ତାଡ଼ନାରେ ଋଷ ବର୍ତମାନ ଛଟ-ପଟ ହେଉଛନ୍ତି ଏବଂ ସେହି ପୁରାତନ ସୋଭିଏତ ଋଷକୁ ମନେପକାଉଛନ୍ତି । ରବିନ୍ଦ୍ରନାଥ ତାଙ୍କ ଚିଠିରେ ଲେଖିଥିଲେ – ରୁଷିଆର ବିପ୍ଳବ ବାଣୀ ବିଶ୍ୱବ୍ୟାପି , ପୃଥିବୀ ମଧ୍ୟରେ ଅନ୍ତତଃ ଏହି ଗୋଟାଏ ଦେଶରେ ଲୋକେ ଆପଣା ଜାତୀୟ ସ୍ୱାର୍ଥର ବାହାରକୁ ଯାଇ ସମସ୍ତ ମଣିଷ ଜାତିର ସ୍ୱାର୍ଥ କଥା ଭାବୁଛନ୍ତି । ଏହି ଉନ୍ନତ ବିଚାର ର ଅଧିକାରୀ ଥିଲେ କବିବର ରବିନ୍ଦ୍ରନାଥ ଠାକୁର । ତାଙ୍କ ଜନ୍ମଦିନରେ ତାଙ୍କୁ ସତ ସତ ନମନ ।

ସୁଜନପୁର , ଯାଜପୁର-
୯୩୪୮୭୬୮୮୧୨

## ବିଶ୍ୱକବି ଓ ବିଶ୍ୱଗୁରୁ - ଭାରତ ଭାଗ୍ୟ ବିଧାତା

ବିଶ୍ୱସୃଷ୍ଟିର ନିତ୍ୟ ନୂତନ ରୂପୋତ୍ସବ ଆଶୈଶବ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କର ସମ୍ବେଦନଶୀଳ ପ୍ରାଣକୁ ଅଭିନବ ବ୍ୟଞ୍ଜନା ବିଭୂତି ସ୍ପର୍ଶରେ ମହୀୟାନ କରିଥିଲା । ସେହି ମହାନ କବିଙ୍କର ସୌନ୍ଦର୍ଯ୍ୟାନୁଭୂତିକୁ ସୂକ୍ଷ୍ମ ଓ ଶାଣିତ କରି ଏହା ତାଙ୍କର ପ୍ରାଣକୁ ଏକ ଅନୁପମ ଅନ୍ତର୍ଦୃଷ୍ଟିରେ ଅଭିବ୍ୟଞ୍ଜିତ କଲା ଏବଂ ସମାଧିସ୍ଥ କରି ଚି□ର ଉଚ୍ଛ୍ୱାସ ଓ ସୌନ୍ଦର୍ଯ୍ୟୋପାସନା ସତ୍ୟାନ୍ୱେଷୀ ଉପନିଷଦ୍କାରର ସମର୍ପଣାତ୍ମକ ପ୍ରବଣତା ନେଇ କବିତା ମାଧ୍ୟମରେ ଆତ୍ମପ୍ରକାଶ ଲାଭକଲା । ରବୀନ୍ଦ୍ରନାଥଙ୍କ କବିତା ସେଥିପାଇଁ ଏକାଧାରାରେ ସତ୍ୟର ବାହକ, ସୌନ୍ଦର୍ଯ୍ୟର ପରିପ୍ରକାଶକ ଓ ମାନବାତ୍ମାର ଆତ୍ମ ପ୍ରକାଶନର ସହାୟକ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୬୧ ମସିହା ମେ ୭ ତାରିଖରେ ପିତା ଦେବେନ୍ଦ୍ର ନାଥଙ୍କର ଚତୁର୍ଦ୍ଦଶ ସନ୍ତାନ ଭାବରେ ବାଙ୍ଗଲାଦେଶର ପାବନା ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ପବିତ୍ର ପଦ୍ମାନଦୀର ଏକ ପାର୍ଶ୍ୱରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମସ୍ଥାନ ଓ ଅପର ପାର୍ଶ୍ୱରେ ବିଶ୍ୱଗୁରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମସ୍ଥାନ ପାବନା ଜିଲ୍ଲାର ହିମାୟିତପୁର ଗ୍ରାମରେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କରେ ବିଶ୍ୱଗୁରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସେ ହେଉଛନ୍ତି ସରସ୍ୱତୀଙ୍କ ବରପୁତ୍ର । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବାଇଶ ବର୍ଷ ବୟସରେ ଜନୈକ ଭକ୍ତର କାତର ନିବେଦନକୁ ସ୍ୱୀକାର କରି ଗୋଟିଏ ରାତ୍ରିରେ ସ୍ୱହସ୍ତରେ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣ ଲେଖିଥିଲେ । ସେହି ସମୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ବୟସ ଥିଲା ପଚାଶ ବର୍ଷ ଏବଂ ତାଙ୍କ ସାହିତ୍ୟକୃତି ପାଇଁ ସେ ସାରା ବିଶ୍ୱ ଦରବାରରେ ପ୍ରତିଷ୍ଠା ଲାଭ କରିସାରିଥିଲେ । ଜନୈକ ଭକ୍ତ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ପବିତ୍ର ଗ୍ରନ୍ଥ ସତ୍ୟାନୁସରଣକୁ ନେଇ ବିଶ୍ୱ କବିଙ୍କୁ ଉପହାର ଦେଇଥିଲେ । ବଣିଆ ଯେପରି ସୁନାକୁ ଦେଖିଲା ମାତ୍ରେ ଆନନ୍ଦିତ ହୁଏ, ଜୋହରୀ ଯେପରି ହୀରା, ନୀଳା, ମୋତି ଓ ମାଣିକ୍ୟ ଇତ୍ୟାଦି ରତ୍ନକୁ ଦେଖିବା ମାତ୍ରେ ପ୍ରଫୁଲ୍ଲିତ ହୁଏ ସେହିପରି ପ୍ରକୃତ ସାରସ୍ୱତ ସାଧକ ଯଥାର୍ଥ ସାହିତ୍ୟକୁ ଦେଖିଲେ ବିଭୋର ହୋଇଥାନ୍ତି । ସେହିଭଳି ଅବସ୍ଥା ସେ ଦିନ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ହୋଇଥିଲା । ବହିଟି ଦେଖିବାମାତ୍ରେ ଏକ ନିଃଶ୍ୱାସରେ ବହିଟିକୁ ଆମୂଳଚୂଳ ପାଠ କରିଗଲେ । ପ୍ରତି ଅନୁଚ୍ଛେଦ ଶେଷରେ ସେ ସେହି ଭକ୍ତଙ୍କୁ ଏକ ଆଚମ୍ବିତ ଢ଼ଙ୍ଗରେ ବିସ୍ଫାରିତ ନୟନରେ ପ୍ରଶ୍ନ କରିଉଠିଲେ - 'ବୟସ କେତେ ? ବୟସ କେତେ ?' ଭକ୍ତ ଉତର ଦେଇ ଥିଲେ - 'ବାଇଶି ବର୍ଷ, ବାଇଶି ବର୍ଷ' । ବହିଟି ଶେଷ ହେବା ପରେ ବିଶ୍ୱକବି ଏକ ଦୀର୍ଘଶ୍ୱାସ ପକାଇ କହିଲେ - 'ହେ ମନୁଷ୍ୟ ! ମୁଁ ଯେତେ ଥର ମନୁଷ୍ୟକୁ ଜିଜ୍ଞାସା କଲି, ସେ କହିଲେ ବାଇଶି ବର୍ଷ, ବାଇଶି ବର୍ଷ । ଗୋଟିଏ ମନୁଷ୍ୟର ପରମାୟୁ ଯଦି ବାଇଶି ସହସ୍ର ବର୍ଷ ହେବ ସେ କି ଏପରି ଭାଷା ଲେଖିପାରେ ? ବଙ୍ଗଳା ତଥା ବିଶ୍ୱ ସାହିତ୍ୟର ଏହା ହେଉଛି ଏକ ଅଭିନବ କୋଣାର୍କ । ତା'ପରେ ତାଙ୍କ ମୁଖରୁ ଉଦ୍ଭାସିତ ହୋଇଥିଲା ଏକ ଭକ୍ତି ରସାମୃତ କାବ୍ୟ - 'ହେ ତଥାଗତ ! ହେ ବିସ୍ମୟ ! ଜାଣେ ନା ମୁଁ ତୁମେ କିଏ ? କିନ୍ତୁ ମୁଁ ଧନ୍ୟ, ଯେଉଁ ଧରା ତବ ପଦସ୍ପର୍ଶ କରିଅଛି ସେହି ଧରାରେ ମୁଁ ଜନ୍ମ ଲାଭ କରିଅଛି । ଯେଉଁ ପଦ୍ମାନଦୀ ତବପଦ ଶତବାର ବିଧୌତ କରିଅଛି, ସେହି ପଦ୍ମାନଦୀରେ ମୁଁ ସହସ୍ରବାର ସ୍ନାତ ହୋଇଅଛି, କିନ୍ତୁ ପ୍ରଭୁ ! ମୁଁ ତୁମକୁ ସାକ୍ଷାତରେ ଦର୍ଶନ କରିବା ପାଇଁ ସାହସ କରିପାରୁନାହିଁ । କାରଣ ମୁଁ ଏହି ମାନୁଷୀ ଚକ୍ଷୁରେ ଯଦି ଆପଣଙ୍କୁ ସଂଦର୍ଶନ କରେ, ତେବେ ମନୁଷ୍ୟ ସୁଲଭ ଆବିଳତାର ଶିକାର ହୋଇଯିବ ଓ ଆପଣଙ୍କ ପ୍ରତି ମୋର ଯେଉଁ ଶୁଦ୍ଧ ଭାବନା ଜାଗ୍ରତ ହୋଇଅଛି ସେଥିରେ କାଳେ କିଛି ବାଧା ଆସିଯିବ, କାଳେ ହୁଏତ ମୁଁ ଭାବିଦେବି ଆପଣ ମୋ ଠାରୁ ବୟସରେ କମ୍, ରୂପରେ ମଳିନ, ଧନଶକ୍ତିରେ ନ୍ୟୂନ, ଆପଣ ଉପାଧି ରହିତ ଓ ମୁଁ ଉପାଧିପୂର୍ଣ୍ଣ - ଏହି ସବୁ ଭାବର ଆବିଳତାରେ ମୁଁ ଯଦି ଶିକାର ହୋଇଯାଏ, ଆପଣଙ୍କ ପ୍ରତି ଜାଗ୍ରତ ହୋଇଥିବା ଶୁଦ୍ଧ ଭକ୍ତିରେ ବହୁତ କିଛି ଆ□ ଆସିଯିବ । ତେଣୁ ଦୂରରୁ ମୋର ଏହି ସଶ୍ରଦ୍ଧ ବିନତୀ ଜଣାଉଛି, ଆପଣ ସାଦରେ ଗ୍ରହଣ କରନ୍ତୁ ।' ଏହାପରେ ସେ ଲେଖିଥିଲେ ତାଙ୍କର ମହାନ କୃତି 'ନୈବେଦ୍ୟ କାବ୍ୟ' ଯାହାକି ପରବର୍ତୀ ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଭକ୍ତ ଶ୍ରୀମତୀ ସୀତାଦେବୀ ଖାଡ଼େଙ୍ଗା ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ନୈବେଦ୍ୟ କାବ୍ୟର କେତୋଟି ପଂକ୍ତି ଓ ଜାତୀୟ ସଂଗୀତର ପରବର୍ତୀ ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର ବିଶ୍ୱଗୁରୁ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତି ଥିବା ଭକ୍ତିପୂତ ଶ୍ରଦ୍ଧାର ପରିଚୟ ମିଳେ । ନୈବେଦ୍ୟକାବ୍ୟରେ ବିଶ୍ୱକବି ଗାଇଲେ - ସକଳ ଗରବ ଦୂର କରିଦେବି, ତୁମରି ଗରବ ଛାଡ଼ିବିନି, ସକଳ ଜନଙ୍କୁ କହିବି ଯେ ଦିନ, ଲଭିବି ତବ ପଦ ରେଣୁକଣା । ଯେ ମାନ ଯେ କାର୍ଯ୍ୟେ ପାଇଅଛି ମୁହିଁ, ସେଦିନ ସକଳ ଯିବ ଦୂରେ, ଖାଲି ତବ ନାମ ଦେହେ ମନେ ମୋର, ଧ୍ୱନିତ ହୋଇବ ତବ ସୁରେ । ପଥର ପଥିକ ସେ'ବି ଦେଖି ଯିବେ, ତୁମରି ଚିହ୍ନ ଦେହ ମନଭାବେ, ଭବ ସଂସାରର ବାତାୟନ ପଥେ, ଚାହିଁବି ମୁହିଁ ଆନମନା । ଜାତୀୟ ସଙ୍ଗୀତର ପରବ□ୀ ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦକୁ ଅନୁଶୀଳନ କଲେ ପ୍ରତୀୟମାନ ହୁଏ ଯେ, ଏହା ମଧ ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିଲା । ସୁଧି ପାଠକ ଓ ପାଠିକାମାନଙ୍କର ଅନୁଶୀଳନ ପାଇଁ ସେହି ଦୁଇ ଅନୁଚ୍ଛେଦକୁ ଉଦ୍ଧାର କରାଗଲା । ଅହରହ ତବ ଆହ୍ୱାନ ପ୍ରଚାରିତ, ଶୁଣି ତବ ଉଦାର ବାଣୀ, ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ, ମୁସଲମାନ, ଖ୍ରୀଷ୍ଟାନୀ, ପୂରବ ପଶ୍ଚିମ ଆସେ, ତବ ସିଂହାସନ ପାଶେ, ଗାଏ ତବ ଜୟ ଗାଥା, ଜନଗଣ ଐକ୍ୟ ବିଧାୟକ ଜୟହେ, ଭାରତ ଭାଗ୍ୟ ବିଧାତା । ରାତ୍ରି ପ୍ରଭାତ ହେଲା, ଉଦୟ ରବି ଛବି, ପୂର୍ବ ଉଦୟ ଗିରି ଭାଲେ, ଗାଏ ବିହଙ୍ଗମ ପୁଣ୍ୟ ସମୀରଣ, ନୂତନ କଳରବ ତାନେ, ହେ ଚିର ସାରଥି, ତବ ରଥ ଚକ୍ରେ ମୁଖରିତ ପଥ ଦିବାରାତ୍ରି, ଦାରୁଣ ବିପ୍ଳବ ମାଝେ, ତବ ଶଙ୍ଖ ଧ୍ୱନି ବାଜେ, ସଙ୍କଟ ଭୟ ଦୁଃଖ ତ୍ରାତା, ଜୟ ହେ ଜୟ ହେ, ଜୟ ରାଜେଶ୍ୱର, ଭାରତ ଭାଗ୍ୟ ବିଧାତା । ସୁଧି ପାଠକ ବୃନ୍ଦ ଉପରୋକ୍ତ ପଦ୍ୟାବଳୀରୁ ବିଚାର କରିବେ କାହାର ପାଦ ପଦ୍ମା ନଦୀରେ ଶତବାର ବିଧୌତ ହେଉଥିଲା, ଯେଉଁ ପଦ୍ମା ନଦୀରେ କି ବିଶ୍ୱକବି ରବୀନ୍ଦ୍ରନାଥ ସହସ୍ରବାର ସ୍ନାତ ହେଉଥିଲେ । ବାଂଲା ଦେଶର ଉଦୟଗିରି କେଉଁଠି ? ରାଜରାଜେଶ୍ୱର କିଏ ? କାହା ନିକଟରେ ସମସ୍ତ ବିଶ୍ୱର ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ, ମୁସଲମାନ ଓ ଖ୍ରୀଷ୍ଟିୟାନ, ପୂର୍ବ ଓ ପଶ୍ଚିମର ଜନତା ଉପସ୍ଥିତ ହେଉଥିଲେ ? କାହାର ଜୟ ଜୟକାର ବିଶ୍ୱବାସୀଙ୍କ ଦ୍ୱାରା ହେଉ ଥିଲା ? ଏସବୁକୁ ସମ୍ମିଳିତ କଲେ ଦେଖାଯିବ ଯେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ବିଶ୍ୱଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ହିଁ ଏହି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ।



ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ତିଥି

## ଜଗନ୍ନାଥ ସଂସ୍କୃତି ଓ କବୀର ଚଉରା

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ



ସମଗ୍ର ବିଶ୍ୱର ଏକ ଅନନ୍ୟ ଏବଂ ମହାନ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ଯାହା ମାନବିକତା ଏବଂ ଭାତୃଭାବର ମୂଳଦୁଆ ଉପରେ ପ୍ରତିଷ୍ଠିତ । ଏହି ସଂସ୍କୃତି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଆପଣେଇ ନେଇଛି । ତେଣୁ ଏ ସଂସ୍କୃତିକୁ ସର୍ବତନ୍ତ୍ର ଓ ସ୍ୱତନ୍ତ୍ର ସଂସ୍କୃତି କୁହାଯାଏ । ଜଗନ୍ନାଥ ସଂସ୍କୃତିର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି, ଏହାର ସମାନତା ଓ ଉଦାରତା । ଏଠାରେ କେହି ଛୋଟ ବା ବଡ ନୁହଁନ୍ତି ଏବଂ ମହାପ୍ରଭୁଙ୍କ ପାଖରେ ସଭିଏଁ ସମାନ । ସେ ରାଜାଙ୍କର ନାଥ, ସେ ପ୍ରଜାଙ୍କର ନାଥ ଏବଂ ସେ ବ୍ରାହ୍ମଣଙ୍କ ନାଥ ଓ ଚଣ୍ଡାଳର ନାଥ (ଅସ୍ପୃଶ୍ୟ) ତଥା ସେ ଏ ସମଗ୍ର ଜଗତର ନାଥ । ଏଣୁ ଆମ ଠାକୁରଙ୍କୁ ଜଗନ୍ନାଥ କୁହାଯାଏ । ଏହି ସଂସ୍କୃତିର ଗୋଟିଏ ହିଁ ଧର୍ମ ତାହା ହେଉଛି ମାନବବାଦ । ଯେ ଶିଖାଏ ମଣିଷ ଓ ମଣିଷ ମଧ୍ୟରେ କୌଣସି ଭେଦଭାବ ନାହିଁ । ସର୍ବଧର୍ମ ସମନ୍ୱୟର ବାର୍ତାବହକ ଜଗନ୍ନାଥ ଧର୍ମ କୌଣସି ଗୋଟିଏ ଗୋଷ୍ଠୀ ବା ଧର୍ମ ମଧ୍ୟରେ ସୀମିତ ନୁହେଁ । ଏହା ବୌଦ୍ଧ ଧର୍ମ, ଜୈନ ଧର୍ମ, ଶିଖ ଧର୍ମ ଓ ଇସଲାମ ଧର୍ମ ସମୂହକୁ ନିଜମଧ୍ୟରେ ଆଶ୍ରା ଦେଇଛି । ଏହି ଧର୍ମମାନଙ୍କର ଧର୍ମ ଗୁରୁ ବା ଭକ୍ତମାନେ ଜଗନ୍ନାଥଙ୍କ ପାଖରେ ସେହି ପରମ ତତ୍ୱକୁ ଅନୁଭବ କରିପାରିଛନ୍ତି । ସେହି ଅନୁଭବୀ ମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସନ୍ଥ କବୀର ଦାସ । ସନ୍ଥ କବୀର ଦାସ ଏବଂ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଥିବା ସମ୍ପର୍କ ଅତ୍ୟନ୍ତ ନିବିଡ଼ ଓ ଆଧାତ୍ମିକ । ଭାରତୀୟ ଭକ୍ତି ସାହିତ୍ୟର ଇତିହାସରେ ଏହି ମିଳନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଏଥିରେ କବୀର ଦାସ



ଥିଲେ ଜଣେ ନିର୍ଗୁଣବାଦୀ ସନ୍ଥ, ଯିଏ ଜାତି, ଧର୍ମ ଏବଂ ବାହ୍ୟ ଆଡମ୍ବରର ଉର୍ଦ୍ଧ୍ୱରେ ରହି ମାନବିକତା ଓ ଏକେଶ୍ୱରବାଦର ପ୍ରଚାର କରିଥିଲେ । ଯଦିଓ କବୀର ମୂର୍ତି ପୂଜାର ବିରୋଧୀ ଥିଲେ, କିନ୍ତୁ ଜଗନ୍ନାଥ କ୍ଷେତ୍ରର ମାହାତ୍ମ୍ୟ ତାଙ୍କୁ ପୁରୀକୁ ଆସିବା ପାଇଁ ବାଧ କରିଥିଲା । ତେଣୁ କବୀର ନିଜ ଦୋହାରେ କହିଛନ୍ତି:

କବୀର କୁତା ରାମ କା, ମୁତିଆ ମେରା ନାଉଁ ।
ଗଲେ ରାମ କୀ ଜେଓ୍ୱଡ଼ୀ, ଜିତ ଖୈଂଚେ ତିତ ଜାଉଁ ?

ଅର୍ଥାତ୍ କବୀର କହନ୍ତି: 'ମୁଁ ଶ୍ରୀରାମ (ପରମେଶ୍ୱର)ଙ୍କର ଜଣେ ବିଶ୍ୱସ୍ତ କୁକୁର, ମୋ ନାମ ହେଉଛି 'ମୁତିଆ' (ମୋତି) ଏବଂ ମୋ ଗଳାରେ ବନ୍ଧା ହୋଇଛି ପ୍ରଭୁ ଶ୍ରୀରାମଙ୍କ ଭକ୍ତିର ରଶି (ଜେଓ୍ୱଡ଼ୀ) । ମୋତେ ସେ ଯେଉଁ ଆଡ଼କୁ ଟାଣି ନେବେ, ମୁଁ ସେଇ ଆଡ଼କୁ ହିଁ ଗମନ କରିବି । ଏଥିରୁ ପ୍ରମାଣିତ ହୁଏ ଯେ କବୀର ନିଯେ ଭଗବାନଙ୍କର ସମ୍ପୂର୍ଣ୍ଣ ସମର୍ପିତ ଭକ୍ତଥିଲେ । ତାଙ୍କର କୌଣସି ନିଜର ବୋଲି ଇଚ୍ଛା ନଥିଲା, ସେ କେବଳ ଈଶ୍ୱରଙ୍କ ଇଚ୍ଛାରେ ପରିଚାଳିତ ହେଉଥିଲେ । ସନ୍ଥ କବୀର ଯେତେବେଳେ ଶ୍ରୀକ୍ଷେତ୍ର ଆସିଥିଲେ, ସେତେବେଳେ ଗଜପତି ପ୍ରତାପରୁଦ୍ର ଦେବଙ୍କର ଶାସନ ଉତ୍କଳ ପ୍ରଦେଶରେ ଚାଲିଥିଲା । ସେ ଯୋ'ସମୟରେ ଦାରୁବ୍ରହ୍ମଙ୍କୁ ଦର୍ଶନ କଲେ, ସେହି ସମୟରେ ଜଗନ୍ନାଥଙ୍କ ଭିତରେ କୌଣସି ସୀମିତ ଦେବତାଙ୍କୁ ନୁହେଁ, ବରଂ ସାରା ବ୍ରହ୍ମାଣ୍ଡର ସ୍ୱରୂପକୁ ଦେଖିବାକୁ ପାଇଥିଲେ । ଲୋକ ଶ୍ରୁତି ଅନୁସାରେ ସେତେବେଳେ ସମୁଦ୍ର ତା'ର ପ୍ରବଳ ଢେଉ ଦ୍ୱାରା ବାରମ୍ବାର ଶ୍ରୀମନ୍ଦିରର ପ୍ରାଚୀର ଭାଙ୍ଗି ଦେଉଥାଏ । କାରଣ ତ୍ରେତୟା ଯୁଗରେ ଜଗନ୍ନାଥ ଶ୍ରୀରାମଙ୍କ ରୂପରେ ଅବତାର ଗ୍ରହଣ କରିଥିଲେ । ସେ ଲଙ୍କାକୁ ଯିବା ପାଇଁ ନିଜ ଧନୁ ବାଣ ଦ୍ୱାରା ସମୁଦ୍ରକୁ ଶୁଖାଇ ଦେବି ବୋଲି କହିଥିଲେ । ଫଳସ୍ୱରୂପ ସମୁଦ୍ର ଦେବ ଶ୍ରୀରାମଙ୍କ ସମସ୍ତ ସେନାକୁ ନିଜ ବକ୍ଷ ଦେଶରେ ଯିବାପାଇଁ ସମ୍ମତ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ସେ ବାରମ୍ବାର ଭାଙ୍ଗି ଚାଲିଥିଲେ । ତେଣୁ ମନ୍ଦିର ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ଭବପର ହେଉନଥିଲା । ଏହା ଦେଖି ଗଜପତି ଦୁଃଖରେ ମ୍ରିୟମାଣ ହୋଇଯାଇଥିଲେ । କବୀର ଦାସ ଏହା ଜାଣିବା ପରେ ସମୁଦ୍ରକୁ ପ୍ରାର୍ଥନା କରିଥିଲେ, ତଥାପି ସମୁଦ୍ର ପୂର୍ବଭଳି ନିର୍ମାଣ କାର୍ଯ୍ୟରେ ବ୍ୟାଘାତ ଘଟାଇ ଚାଲିଲେ । ଏହାପରେ କବୀର ଦାସ ନିଜର 'ଆଶାବାଡ଼ି' ବା 'କୁବଡ଼ି'କୁ ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ସମୁଦ୍ର ତଟରେ ପୋତି ଦେଇଥିଲେ ଏବଂ ସମୁଦ୍ରକୁ ଆଗକୁ ନଆସିବାକୁ ନିର୍ଦ୍ଦେଶ ଦେଇ ଧ୍ୟାନରେ ବସିଯାଇଥିଲେ । ସନ୍ଥଙ୍କ ଧ୍ୟାନ ଓ ଭକ୍ତିର ଶକ୍ତି ଆଗରେ ସମୁଦ୍ର ଶେଷରେ ହାର ମାନିଲେ ଏବଂ ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ସେହି ଦିନଠାରୁ ଆଉ ସେ କେବେ ମଧ 'କୁବଡ଼ି'ର ଆଖ ପାଖକୁ ଅତିକ୍ରମ କଲେ ନାହିଁ । କବୀର ଯେଉଁ ସ୍ଥାନରେ ବାଡ଼ିକୁ ସ୍ଥାପନ କରିଥିଲେ, ସେଠାରେ ଏକ ପଥର ଚଉରା ନିର୍ମାଣ କରାଗଲା । ଯେଉଁଠାରେ ବସି ସେ ଧ୍ୟାନ କରୁଥିଲେ । କାଳକ୍ରମେ ସେହି ସ୍ଥାନକୁ ଲୋକେ କବୀର ଚଉରା ବା କବୀର ଘାଟ ବୋଲି କହିବାକୁ ଲାଗିଲେ । ଏହା ବର୍ତମାନ ପୁରୀ ସ୍ୱର୍ଗଦ୍ୱାର ନିକଟରେ ଅବସ୍ଥିତ । ଏଠାରେ କବୀରଙ୍କ ପାଦୁକା ଏବଂ ସେ ବ୍ୟବହାର କରୁଥିବା ବାଡ଼ିର ପ୍ରତୀକ ସ୍ୱରୂପ କୁବଡ଼ି ସ୍ଥାପିତ କରାଯାଇଛି । ଜଗନ୍ନାଥ ସଂସ୍କୃତିରେ କବୀର ଦାସ ଜଣେ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଥିଲେ । ସେ ପ୍ରଚାର କରୁଥିଲେ ଯେ ଜଗନ୍ନାଥଙ୍କଠାରେ କୌଣସି ଜାତିଭେଦ ହିଁ ନାହିଁ । କୁହାଯାଏ ଯେ, ସେ ଜଗନ୍ନାଥଙ୍କଠାରେ 'ଆଲ୍ଲା'ଙ୍କୁ ଦେଖିଥିଲେ ଏବଂ ଜଗନ୍ନାଥ ସଂସ୍କୃତିର ସାଧାରଣ ଧାରାକୁ ସମର୍ଥନ କରିଥିଲେ । ସେ ଜାଣିଥିଲେ ଜଗନ୍ନାଥଙ୍କ ପାଖରେ କେହି ଉଚ୍ଚ ବା ନୀଚ ନୁହଁନ୍ତି । ତେଣୁ ସେ ଶିଖାଇଥିଲେ – 'ଜାତି ପାତି ପୁଛେ ନହିଁ କୋଇ, ହରି କୋ ଭଜେ ସୋ ହରି କା ହୋଇ । ଭକ୍ତି ଭାବର ପରାକାଷ୍ଠା କବୀରଙ୍କ ପାଇଁ ଜଗନ୍ନାଥ କେବଳ ଏକ କାଠର ମୂର୍ତି ନଥିଲେ, ସେ ଥିଲେ 'ଘଟ ଘଟ ବାସୀ ପ୍ରଭୁ' । ସେ ଜଗନ୍ନାଥଙ୍କୁ 'ରାମ' ନାମରେ ସମ୍ବୋଧନ କରୁଥିଲେ । ତା'ଙ୍କ ମତରେ ଜଗନ୍ନାଥ ହେଉଛନ୍ତି ସେହି ପରମବ୍ରହ୍ମ ଯିଏ ଶୂନ୍ୟ ମଣ୍ଡଳରେ ବିରାଜମାନ । ତେଣୁ ସେ ତାଙ୍କ ଦୋହାରେ ଜଗନ୍ନାଥଙ୍କ ମହିମା ଗାନ କରିଛନ୍ତି । କବୀର ବିଶ୍ୱାସ କରୁଥିଲେ ଯେ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ସମ୍ପ୍ରଦାୟର ନୁହନ୍ତି, ସେ ହେଉଛନ୍ତି ସମଗ୍ର ମାନବଜାତିର ଠାକୁର ।

ଖମେଶ୍ୱରୀ ପାଟଣା ଆସିକା, ଗଞ୍ଜାମ ।୯୮୬୧୩୩୪୮୬୮





# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଖୋର୍ଦ୍ଧା : ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ,ପ୍ରତାପ ଚନ୍ଦ୍ର ବେଉରା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି,ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ଅଭିଯୋଗ ଗୁଡ଼ିକର ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୯୩ ଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୭ ଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୬ଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୬ଟି ଅଭିଯୋଗ ର ସମାଧାନ କରିଥିବାବେଳେ ବେବି ପଲାଇ, ହରିଚନ୍ଦନପୁର, ନାଚୁଣୀ, ବାଣପୁରଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତିରିଶି ହଜାର, ମାଳତୀ ପଲାଇ,ହରିଚନ୍ଦନପୁର, ନାଚୁଣୀ, ବାଣପୁରଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦଶ ହଜାର ଏବଂ ବୀଣାପାଣି ସୁବୁଦ୍ଧି, ତରାପି, ହାଟବରଡି, ଚିଲିକାଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଦଶ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ବି ଡି ଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ଭରଷା ପରିବାର ପକ୍ଷରୁ ଦୁଇ ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ସହାୟତା ପ୍ରଦାନ

ଚମ୍ପୁଆ : ଭରସା ପରିବାର ପକ୍ଷରୁ ଚମ୍ପୁଆ ଅଂଚଳରେ ଭରସା ପରିବାର ପକ୍ଷରୁ ଦୁଇ ଗୋଟି ପରିବାରକୁ ଶୁଦ୍ଧିକ୍ରିୟା ସହାୟତା ପ୍ରଦାନ କରାଯାଇଥିବା ଜଣା ପଡିଛି । ଖବର ଅନୁସାରେ, ଚମ୍ପୁଆ ଏନଏସି ଅନ୍ତର୍ଗତ ୱାର୍ଡ ନଂ ୧୩ (ରାମଲା)ର ଅସହାୟ ପରିବାର ଅଜୟ ନାଏକଙ୍କ ସାନଭାଇ ମୃତ୍ୟୁର ଶୁଦ୍ଧିକ୍ରିୟା ପାଇଁ ଭରଷା ପରିବାର ସେବା ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି ।ସେହିପରି ଚମ୍ପୁଆ ବ୍ଲକ ଅନ୍ତର୍ଗତ ବାଙ୍କ ଗ୍ରାମର ମିଶ୍ରଜିତ ନାଏକଙ୍କ ମୃତ୍ୟୁ ପରେ ତାଙ୍କ ଶୁଦ୍ଧିକ୍ରିୟା ପାଇଁ ତାଙ୍କ ପୁଅ ଜିତେନ୍ଦ୍ର ନାଏକ ଅସହାୟତା ପ୍ରକାଶ କରିବାରୁ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାରକୁ ଭେଟି ସହାୟତା ପ୍ରଦାନ କରାଯାଇଛି । ଭରସା ପରବାର ଟ୍ରଷ୍ଟର ରାଜ୍ୟ ସଭାପତି ଲମ୍ବୋଧର ମହାନ୍ତଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ବ୍ଲକ ସଭାପତି ରଶ୍ମିରେଖା ମହାକୁଡ, ଉପଦେଷ୍ଟା ଦୁଷ୍ମନ୍ତ ବେହେରା, ସଦସ୍ୟ ଶରତ ଚନ୍ଦ୍ର ଖିଲାର, ଦେବାଶିଷ ଗିରି, ସଚ୍ଚିନ ଦାସ ପ୍ରମୁଖ ଯୋଗଦାନ କରି ଏହି ସୁଦ୍ଧିକ୍ରିୟା ସହାୟତା ପ୍ରଦାନ କରିଥିଲେ । ଦୁଇ ପରିବାରଙ୍କୁ ଭେଟି ବିଭିନ୍ନ ପ୍ରକାରର ଶୁଖିଲା ଖାଦ୍ୟ ଆଦି ପ୍ରଦାନ କରା ଯାଇଥିଲା । ଟ୍ରଷ୍ଟର ଏତାଦୃଶ୍ୟ ସେବା କାର୍ଯ୍ୟକୁ ଗ୍ରାମବାସୀ ମାନେ ଉଚ୍ଚ ପ୍ରଶଂସା କରିବା ସହିତ ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଥିବା ଦେଖିବାକୁ ମିଳିଛି ।

# ଭାରତୀ ସମାଜର ସଂଚାଳନ ସମିତି ପୁନର୍ଗଠିତ

ସମ୍ବଲପୁର : ସମ୍ବଲପୁର ସହରର ପ୍ରମୁଖ ସାମାଜିକ ସଙ୍ଗଠନ ଭାରତୀ ସମାଜର କେନ୍ଦ୍ରୀୟ ସଂଚାଳନ ସମିତି ପୁନଃର୍ଗଠନ କରାଯାଇଛି । ଭବାନୀ ଶଙ୍କର ଭୋଇଙ୍କ ସଭାପତିତ୍ୱରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଭାରତୀ ସମାଜ ୨୦୦୧ ମସିହାରୁ କରି ଆସିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ମହାସଚିବ ଦେବୀ ପ୍ରସାଦ ଭୋଇ ବିଗତ ୨୬ ବର୍ଷର ତଥ୍ୟ କୁ ସମ୍ମିଳିତ କରି ସ୍ମରଣିକା ଆକାରରେ ପ୍ରକାଶ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ବୈଠକରେ ବିଗତ ଏପ୍ରିଲ ଏକ ତାରିଖ ରେ ଆୟୋଜିତ ଭାରତୀ ଉତ୍ସବର ସଫଳତା ଉପରେ ସଦସ୍ୟ ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଭାରତୀ ସମାଜକୁ ଅଧିକ ବ୍ୟାପକ କରିବା ପାଇଁ ଏହାର ସମ୍ବିଧାନ ସଂଶୋଧନ କରାଯାଇଥିଲା । ଏହାସହ ଭାରତୀ ସମାଜ ର କେନ୍ଦ୍ରୀୟ ସଂଚାଳନ ସମିତି ପୁନଃର୍ଗଠନ କରାଯାଇଥିଲା । ଏଥିରେ ଭବାନୀ ଶଙ୍କର ଭୋଇଙ୍କୁ ସଂଚାଳକ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ଅଶୋକ ତ୍ରିପାଠୀ, ଜୟପାଲ ବାଗ ଏବଂ ଗୋପବନ୍ଧୁ ସେନାପତିଙ୍କୁ ସହ ସଂଚାଳକ, ଦେବୀ ପ୍ରସାଦ ଭୋଇ ମହାସଚିବ(ସଙ୍ଗଠନ) ଗଦାଧର ନିଆଲ ମହାସଚିବ (କାର୍ଯ୍ୟକ୍ରମ), ସୁବୋଧ କୁମାର ଦୋରା କୋଷାଧ୍ୟକ୍ଷ, ରଞ୍ଜିତ ସାହୁ ଭାରତୀ ଶିକ୍ଷା ସଂସ୍କୃତି ପ୍ରମୁଖ, ଲଳିତା ଭୋଇ ସେବା କାର୍ଯ୍ୟକ୍ରମ ପ୍ରମୁଖ, ମାନସ ରଞ୍ଜନ ବକ୍ସିଙ୍କୁ ପଶ୍ଚିମାଂଚଳ ଏକତା ମଂଚ ପ୍ରମୁଖ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ପ୍ରଧାନ, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣର ବାର୍ଷିକ ଉତ୍ସବ 'ପ୍ରତିଫଳନ-୨.୦' ଅନୁଷ୍ଠିତ



ବାରିପଦା : ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୁରଭଞ୍ଜର ବାର୍ଷିକ ଉତ୍ସବ ପରିସରରେ ଥିବା ସଭାମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି ଓ ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହ ପ୍ରଧାପକ ଚିତ୍ରସେନ ସେଠୀ ଓ ମୁଖ୍ୟ ବକ୍ତା ଭାବେ ଉକ୍ତ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ତଥା ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ, କଟକ ର ଅଧ୍ୟକ୍ଷ ନିରଞ୍ଜନ ସାହୁ, ମୁଣ୍ଡାରୀ ସମ୍ପ୍ରଦାୟର ଭାଷା ସଂସ୍କୃତି ଉପରେ କାର୍ଯ୍ୟରତ ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବର ଆଭିମୁଖ୍ୟ, ଉପାଦେୟତା ଉପରେ ଆଲୋକପାତ କରିଥିଲେ ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୟୁର ଗଡ଼ର ବାର୍ତା' ଅତିଥିଙ୍କ ହାତରେ ଉନ୍ମୋଚିତ ହୋଇଥିଲା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ତତସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ / ପ୍ରଶିକ୍ଷିକା, କର୍ମଚାରୀ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶିକ୍ଷକ ପ୍ରଶିକ୍ଷିକା ରୁପାଲୀ ରଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ମସାନକୁଣ୍ଡାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା : ନୂଆପଡ଼ା ଜିଲ୍ଲାର ଭାନପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ମସାନକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ନିମନ୍ତେ ଏକ ବ୍ୟାପକ ସଚେତନତା ଶିବିର ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡଃ ଦ୍ୱାରିକାନାଥ ଶତପଥୀ, ବିଡିଓ ରୋହିତ ଭୋଇ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମନିଧି ଭୋଇ, ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସ୍ଥାନୀୟ ସରପଂଚ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସଭା ପରିଚାଳନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ନୂଆପଡ଼ା ରାଜ୍ୟ ଓ ଜାତୀୟ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ପ୍ରବାସୀ ଶ୍ରମିକ ସମସ୍ୟା ନିରାକରଣ ପାଇଁ ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ପ୍ରତି ଶ୍ରମିକ ପରିବାରକୁ ୩୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟ ରହିଥିବା ସହିତ ଗ୍ରାମରେ ରହି ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ । ସମସ୍ତେ ମିଶିମିଶି ପ୍ରବାସମୁକ୍ତ ଗ୍ରାମ ପଂଚାୟତ ଗଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ "ଝିଅ ପାଇଁ ଗଛଟିଏ" ଓ "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" ପାଳନ କରା ଯାଇଥିଲା । ଜିଲ୍ଲାପାଳ ଜଣେ ନବଜାତ ଶିଶୁ କନ୍ୟାକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଚାରା ଓ ଉପହାର ପ୍ରଦାନ କରିଥିଲେ । ସେହିପରି, ଜଣେ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଉପହାର ବଂଟନ କରାଯାଇଥିଲା । ସ୍ଥାନୀୟ ସ୍କୁଲ୍ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ଓ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରମ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପେନସନ ବଂଟନ କରା ଯାଇଥିଲା । ଏହି ଅବସରରେ, "ସ୍ୱଚ୍ଛତା ଦୂତ ପୁରସ୍କାର" ମଧ୍ୟ ପ୍ରଦାନ କରାଯାଇଥିଲା । ପରବର୍ତୀ କାର୍ଯ୍ୟକ୍ରମରେ "ପକ୍ଷୀ ପାଇଁ ଦିନଟିଏ" ପାଳନ କରାଯାଇ ପକ୍ଷୀମାନଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମରେ "ପ୍ରବାସମୁକ୍ତ ଓ ଉନ୍ନତ ପଂଚାୟତ" ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ ।

# ଭଦ୍ରକ ବୈଶାଖୀ ମେଳାର ଅଷ୍ଟମ ସନ୍ଧ୍ୟା : ଭଦ୍ରକ ମୃତ୍ତିକାର ଗୁଣବତା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିଛି

ଭଦ୍ରକ : ଭଦ୍ରକର ମୃତ୍ତିକା ଓ କୃଷି ସମ୍ପଦର ସୁପରିଚାଳନା କେବଳ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାର ବିକାଶ ରଥକୁ ଆଗକୁ ନେଇ ଯିବାର ଶକ୍ତି ରଖେ । କୃଷି ଖାଦ୍ୟ ଯୋଗାଏ, ମୃତିକା ଉତ୍ପାଦନର ଆଧାର ସାଜେ ଏବଂ ମତ୍ସ୍ୟ ସମ୍ପଦ ରପ୍ତାନି ଓ ବାଣିଜ୍ୟକୁ ସୁଦୃଢ଼ କରେ । ଏହି ତିନୋଟି ସ୍ତମ୍ଭର ସମନ୍ୱିତ ବିକାଶ ହିଁ ଓଡ଼ିଶାକୁ ଏକ ଅର୍ଥନୈତିକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବାରେ ସକ୍ଷମ ହୋଇଛି । ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚାଲିଥିବା 'ବୈଶାଖୀ ମେଳା-୨୦୨୬'ର ଅଷ୍ଟମ ସନ୍ଧ୍ୟାରେ ମାଟି ଓ ମଣିଷର ସମ୍ପର୍କକୁ 'ଭଦ୍ରକର କୃଷି, ମୃତିକା ଓ ମତ୍ସ୍ୟଜୀବୀ' ବିଷୟରେ ଭାବଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଭଦ୍ରକର ଚାଷୀ ଓ ମତ୍ସ୍ୟଜୀବୀ ମାନେ ହେଉଛନ୍ତି ଆମର ପ୍ରକୃତ ସମ୍ପଦ । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି, ଯାହାର ସୁଫଳ ପ୍ରତିଟି ପରିବାର ପାଖରେ ପହଂଚିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ବୈଶାଖ ମେଳା ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଭଦ୍ରକ ମୃତ୍ତିକାର ବିବିଧତା ହିଁ ଏ ଅଂଚଳର ଉଦ୍ୟାନ ଓ କୃଷିର ବିକାଶ କରିଛି ଏବଂ ଏହା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିଛି ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ କୃଷିକବି ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଓ କୃଷିକବି ଇଂ. ଅରୁଣ କୁମାର ପାତ୍ର ଯୋଗଦେଇ ମାଟିର ସ୍ୱାସ୍ଥ୍ୟ ରକ୍ଷା କଲେ ହିଁ ସୁସ୍ଥ ଶସ୍ୟ ଉତ୍ପାଦନ ସମ୍ଭବ । କୃଷିକୁ କେବଳ ଜୀବିକା ନୁହେଁ, ବରଂ ଏକ ସେବା ଭାବେ ଗ୍ରହଣ କରିବା ବାଞ୍ଛନୀୟ ବୋଲି କହିଥିଲେ । ବିଧାୟକ ଶ୍ରୀ ମହାପାତ୍ର ଓ ଜିଲ୍ଲପାଳଙ୍କୁ ଏହି ଅବସରରେ ସଭାପତି ଅଜୟ ନାୟକ, ବୈଶାଖୀମେଳାର ସମ୍ପାଦକ ରୂପକ ରାୟ, ତ୍ୟାଗଭୂମି ସମ୍ପାଦକ ଗଦାଧର ବାଳ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ଅଖିଳ କୁମାର ପାଢ଼ୀ, ପଦ୍ମାନ ରାୟ, ସୁଧାକର ରାଉତ, ରବିନାରାୟଣ ପଣ୍ଡା, କବି ରମେଶ ଦାସ, ବାବୁଲାଲ ଦାସ, ବରିଷ୍ଠ ନାଗରିକ ସଙ୍ଘର ଜିଲ୍ଲା ସଭାପତି କୈଳାସ ପଣ୍ଡା, ନାରାୟଣ ପାଢ଼ୀ, ମନୋରଞ୍ଜନ ଦାସ, ମଦନ ନାୟକ, ଉମାକାନ୍ତ ପାଳ, ଗୌରଙ୍ଗ ବାରିକ, ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମେଳା କମିଟି ସଭାପତି ଅଜୟ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ମଂଚ ଆହ୍ୱାନ କରିଥିଲେ ଓ ସମ୍ପାଦକ ରୂପକ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ଣ ଅଧିବେଶନ କବି ଗୌରାଙ୍ଗ ବାରିକ, ସଭାପତିତ୍ୱରେ ମା' ଓ ମାଟିକୁ ନେଇ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ କବି ଯୋଗ ଦେଇ ଥିଲେ । ଶେଷରେ 'ଉତ୍ସବ ନୃତ୍ୟ ଏକାଡେମୀ' ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା ।

# ଖୁସି ସାଂସ୍କୃତିକ ଓ ଗବେଷଣା ଏକାଡେମୀ ତରଫରୁ ଆନ୍ତର୍ଜାତିକ ନୃତ୍ୟ ଦିବସ ପାଳିତ

ବଲାଙ୍ଗୀର : ବଲାଙ୍ଗୀରର ଅଗ୍ରଣୀ ନୃତ୍ୟ ସଂଗୀତ ଅନୁଷ୍ଠାନ ଖୁସି ସାଂସ୍କୃତିକ ଓ ଗବେଷଣା ଏକାଡେମୀ ତରଫରୁ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ନୃତ୍ୟ ଦିବସ ଅବସରରେ ଏକ ନୃତ୍ୟ ସନ୍ଧ୍ୟା ଆୟୋଜନ କରା ଯାଇଥିଲା । ଆୟୋଜିତ ଏହି ନୃତ୍ୟ ସଂଗୀତର ଅପୂର୍ବ ସଂଯୋଜନାର ଆରମ୍ଭରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଏକାଡେମୀର ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ନାଟ୍ୟକାର, ଲେଖକ, ନିର୍ଦ୍ଦେଶକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଘଟେଶ୍ୱର ମିଶ୍ର, ସଂସ୍କୃତି ଗବେଷକ, ଅଧ୍ୟାପକ ସନ୍ଦୀପ କୁମାର କୁଅଁର, କବି କପିଳେଶ୍ୱର ଖମାରୀ, ନାଟ୍ୟକର୍ମୀ ରାମ ପ୍ରସାଦ ଦାଶ ଓ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ଯୋଗ ଦେଇଥିଲେ । ଅନୁଷ୍ଠାନର ସଂପାଦିକା ସୁଶ୍ରୀ ଜ୍ୟୋତିରେଖା ତ୍ରିପାଠୀ ମଂଚାସୀନ ହୋଇ ଥିଲେ । କବି ରତ୍ନମୟ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସାଂସ୍କୃତିକ ସଭାକୁ କବି ରତ୍ନମୟ ତ୍ରିପାଠୀ ସଂଯୋଜନା କରିଥିଲେ । ଅତିଥିମାନେ ଆନୁଷ୍ଠାନିକ ନୃତ୍ୟ ଓ ସଂଗୀତ ଶିକ୍ଷା ଉପରେ ବର୍ତମାନ ଗୁରୁତ୍ୱଆରୋପ କରିବା ସହ ସମସ୍ତଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନୃତ୍ୟ ଗୀତର ଆବଶ୍ୟକତା ରହିଥିବା ପ୍ରକାଶ କରି ବଲାଙ୍ଗୀରରେ ଶାସ୍ତ୍ରୀୟ ନୃତ୍ୟର ପରଂପରା ରହିଥିବା ପ୍ରକାଶ କରିଥିଲେ । ପରେ ପରେ ଆରମ୍ଭ ହୋଇଥିଲା ନୃତ୍ୟ କାର୍ଯ୍ୟକ୍ରମ । ଶ୍ରୀୟାଙ୍କ ସଂଯୋଜନାରେ ଏକାଡେମୀର ଛାତ୍ରୀମାନେ ଶ୍ରୁତି ପଟେଲ, ସ୍ୱାଧୀନତା, ଆଦ୍ୟା, ସରନ୍ୟା, ଶ୍ରୀ, ସିଦ୍ଧି, ସୃଷ୍ଟି, ପ୍ରତୀକ୍ଷା, ଆରାଧ୍ୟା, ପ୍ରିୟଙ୍କା, ପ୍ରିନସି ଓ ଅନ୍ୟମାନେ ଓଡ଼ିଶୀ, ଲୋକନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ ।

# ମୁଖ୍ୟ ରାସ୍ତାରେ ନାହିଁ ରୋଡ୍ ଡିଭାଇଡ଼ର ଦୁର୍ଘଟଣା ପରେ ଦୁର୍ଘଟଣା ବଢ଼ିଚାଲିଛି

ସମ୍ବଲପୁର : ସମ୍ବଲପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରମାଗତ ଭାବେ ବ୍ରିଜ୍, ରାସ୍ତା ଓ ବହୁ ଡ୍ରେନ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ନିର୍ମାଣ ଓ ମରାମତି କାର୍ଯ୍ୟ ଚାଲିଛି ।ଦୀର୍ଘ ବର୍ଷ ପରେ ବି ଅଦ୍ୟାବଧି ଧନୁପାଲି ଜେଲଛକ ରାସ୍ତା ସମ୍ପୂର୍ଣ୍ଣ ହୋଇପାରି ନାହିଁ । ରାସ୍ତାର ଅନେକ ସ୍ଥାନରେ ଷ୍ଟ୍ରି ଲାଇଟ ସଂଯୋଗ ହୋଇ ପାରିନଥିବା ବେଳେ କେତେକ ଜାଗାରେ ଗୋଟିଏ ରାସ୍ତାରୁ ଅପର ପାର୍ଶ୍ୱକୁ ଯିବାପାଇଁ ଅତି ସଙ୍କୁଚିତ ରାସ୍ତା ଛଡାଯାଇଛି । ଫଳରେ ବିଭିନ୍ନ ସମୟରେ ବଡ଼ ବଡ଼ ଗାଡି ଯାତାୟାତ ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ରାସ୍ତା ସଙ୍କୁଚିତ କାରଣରୁ ଦୁର୍ଘଟଣା ଘଟିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ସେହିପରି ସମ୍ବଲପୁର ସହରର ପ୍ରମୁଖ ଗୋବିନ୍ଦତୋଲା ଛକର ମୋଡାଣୀ ସ୍ଥାନରେ ପ୍ରାୟ ୨୦୦ ମିଟର ରାସ୍ତାରେ ରୋଡ୍ ଡିଭାଇଡର ନରଖି ଖାଲି ଛଡାଯାଇଛି । ଯଦ୍ୱାରା ଅଧିକାଂଶ ଗାଡ଼ି ଚାଳକ ଟ୍ରାଫିକ ମାର୍କିଙ୍ଗକୁ ମାନୁନଥିବା ବେଳେ, ଅଯଥାରେ ବାରମ୍ବାର ନିରୀହ ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏପରିକି ଗୋବିନ୍ଦତୋଲା ଛକ ଏକ ଦୁର୍ଘଟଣା ପ୍ରବଣ ଚକ୍ର ମାନ୍ୟତା ପାଇଲାଣି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସମ୍ବଲପୁର ସହରର ବିଭିନ୍ନ ରାସ୍ତାଘାଟର ଅବ୍ୟବସ୍ଥା ନେଇ ବରିଷ୍ଠ ବିଜେପି ନେତା ତଥା 'ସାଧନା'ର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଶ୍ରୀ ପାଣିଗ୍ରାହୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ଯେ, ଏହି ଖାଲି ରାସ୍ତା ଅଂଶରେ ସତୀରାଣୀ ଜୀ ମନ୍ଦିର ସାମ୍ନା ଏବଂ ଗୋବିନ୍ଦତୋଳା ଛକ ପାଖ ଡିଭାଇଡର ପାଖରେ ୨ଟି ପାସିଂ ରାସ୍ତା ଛାଡ଼ିଦେଇ, ରାସ୍ତା ମଝିରେ ୨ ଥାକିଆ ଫାଇବର ଡିଭାଇଡର ଲଗାଯାଉ ବୋଲି ଛଅ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସମ୍ବଲପୁର ମହାନଗର ନିଗମ କର୍ତୃପକ୍ଷଙ୍କ ଠାରେ ଦୁର୍ଗା ପୂଜା କମିଟି ତଥା ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ମହାନଗର ନିଗମ କର୍ତୃପକ୍ଷ ଏ ଦିଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି । ଉକ୍ତ ଦାବିପତ୍ରରେ ଏହା ମଧ୍ୟ ଉଲ୍ଲେଖ କରା ଯାଇଥିଲା ଯେ, ଖାଲି ଥିବା ରାସ୍ତା ଯୋଗୁଁ ବାରମ୍ବାର ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏହା ସତ୍ତ୍ୱେ ଆଜି ଯାଏ ଫାଇବାର ଡିଭାଇଡର ସଂଯୋଗ କରା ନଯିବା ଏକ ଦୁର୍ଭାଗ୍ୟ ଜନକ ବିଷୟ । ଗମନାଗମନ କ୍ଷେତ୍ରରେ ସର୍ବନିମ୍ନ ସମସ୍ୟାକୁ ଦୂରୀକରଣ କରିବାରେ ମହାନଗର ନିଗମ କର୍ତୃପକ୍ଷଙ୍କ ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱ ର ସହ ବିଚାର ପୂର୍ବକ ସମାଧାନ କରିବା ପାଇଁ ମହାନଗର ନିଗମ ତଥା ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ମଧ୍ୟ ଶ୍ରୀ ପାଣିଗ୍ରାହୀ ଦାବି ଉପସ୍ଥାପନ କରିଛନ୍ତି ।

# ଫୁଲବାଣୀ ଶ୍ରୀ ଶ୍ରୀ ଶ୍ରୀ ମା ନାରାୟଣୀଙ୍କ ଯାତ୍ରାର ୫ଦଶ ଦିବସ : ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି

କନ୍ଧମାଳ : ଫୁଲବାଣୀର ଐତିହାସିକ ଦ୍ୱିବାର୍ଷିକ ଶ୍ରୀ ଶ୍ରୀ ଶ୍ରୀ ମା ନାରାୟଣୀଙ୍କ ଯାତ୍ରାର ଆଜି ୫ଦଶ ଦିବସରେ ପଦାର୍ପଣ କରିଛି । ଧୀରେ ଧୀରେ ବଢୁଛି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ । ସଜାଗ ରହିଛନ୍ତି ପରିଚାଳନା କମିଟି ଏବଂ ପୋଲିସ ପ୍ରଶାସନ ସିସି କ୍ୟାମେରା ରେ ଅନ୍ତର୍ଭୁକ୍ତ ସମଗ୍ର ଯାତ୍ରା ପଡିଆ । ଯାତ୍ରା ପଡିଆରୁ କେବୁଲ ଜରିଆରେ ସିଧା ପ୍ରସାରଣ ହେଉଛି ସନ୍ଧ୍ୟା ଆଳତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ । ଆଜି ସୋମବାର ମା ନାରାୟଣୀ ଙ୍କ ସମେତ ପଂଚ ଠାକୁରାଣୀ ଆଗରେ ମା କାଳୀଙ୍କର ନଗର ଭ୍ରମଣ କାର୍ଯ୍ୟକ୍ରମ ହୋଇଛି । ଗମ୍ଭୀରାରୁ ବାହାରି ଲକ୍ଷ୍ମୀ ମାର୍କେଟ୍ ରାସ୍ତାରେ ଅନିତା ବେକେରୀ ରାସ୍ତା ଦେଇ ଅମଲାପଡ଼ା କାହ୍ନୁ ବିଲାସକୁ ହୁମ ପୂଜା ପାଇଁ ଯିବେ । ସେଠାରୁ ଜେଲ୍ ରାସ୍ତାରେ ପୋଷ୍ଟ ଅଫିସ୍ ଛକ ଦେଇ ମୁଖ୍ୟ ରାସ୍ତାରେ ଜଗଦୀଶ ଦାସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ନଗର ଭ୍ରମଣରେ ଯିବେ । ସେଠାରୁ ପୂଜା ଆଳତି ମୁଖ୍ୟ ରାସ୍ତାରେ ଶ୍ରୀରାମ ନଗର ରାସ୍ତା ଦେଇ ଗମ୍ଭୀରାକୁ ବିଜେ କରିବେ । ମଙ୍ଗଳବାର ନଗର ଭ୍ରମଣ କାର୍ଯ୍ୟକ୍ରମ ଗମ୍ଭୀରାରୁ ବାହାରି ଲକ୍ଷ୍ମୀ ମାର୍କେଟ୍ ରାସ୍ତାରେ ମୁଖ୍ୟ ରାସ୍ତା ଦେଇ କୋଟ ଛକ, ନଡୀଖଣ୍ଡି ସାହି ଶିବ ମନ୍ଦିର । ଡାହାଣ ପଟ ନଦୀଗଣ୍ଡି ସାହି ସର୍କୁଲର ଆଇନଜୀବି ବୀଣାପାଣି ପ୍ରଧାନଙ୍କ ଘରକୁ ପୂଜା ପାଇଁ ଯିବେ । ସେଠାରୁ ମନ୍ଦିର ଛକ ପର୍ଯ୍ୟନ୍ତ ନଗର ଭ୍ରମଣରେ ଯିବେ ସେଠାରୁ ହାଉସିଂ ବୋର୍ଡ କଲୋନୀକୁ ନଗର ଭ୍ରମଣ କରିବେ । ସେଠାରୁ ପଞ୍ଚାଚାଲି ସହି ଛକ ଦେଇ, ଟାଉନ୍ ପ୍ଲାନିଂ କଲୋନୀ, ଜିଇଡି କଲୋନୀ ନୀ, ପିଡବ୍ଲୁଡି କଲୋନୀ ଓ ଏଜେଓ ହାଇସ୍କୁଲ ମୁଣ୍ଡିଆ ସାହିରେ ନଗର ଭ୍ରମଣ କରିବେ । ସେଠାରୁ ମୁଖ୍ୟ ରାସ୍ତାରେ ଶ୍ରୀରାମ ନଗର ରାସ୍ତା ଦେଇ ଗମ୍ଭୀରାକୁ ବିଜେ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି କମିଟି ସଭାପତି କାବୁଲା ସେନାପତି କହିଛନ୍ତି । ସନ୍ଧ୍ୟାରେ ଆଳତି ଦେଖିବା ପାଇଁ ପ୍ରବଳ ଭିଡ଼ ଜମୁଛି । ଏଥିରେ ଆବଶ୍ୟକ ପଡିଲେ ରୁଟରେ ସାମାନ୍ୟ ପରିବର୍ତନ ହୋଇପାରେ ବୋଲି ସମ୍ପାଦକ ସଞ୍ଜିତ ପାତ୍ର ସୂଚନା ଦେଇଛନ୍ତି । ଭ୍ରମଣ ସମୟରେ ବିଭିନ୍ନ ବାଜା ପଟୁଆରରେ ମା ନାରାୟଣୀ ନଗର ଭ୍ରମଣ କରୁଥିବା ବେଳେ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପ୍ରଶାସନ ସମେତ ପରିଚାଳନା କମିଟି ସମ୍ପାଦକ ସଂଜିତ ପାତ୍ର, ସହ ସମ୍ପାଦକ ଶିବ ପଣ୍ଡା, ନଗର ଭ୍ରମଣ ସଦସ୍ୟ ବିଜୟ କୁମାର ମହାନ୍ତି, ହରିଶ୍ଚନ୍ଦ୍ର ମହାରଣା, ମହେନ୍ଦ୍ର ସୁବୁଦ୍ଧି, ଆଦିତ୍ୟ ତ୍ରିପାଠୀ, ଠୁକୁନ୍ଦର ସେଠି, ଏବଂ ସ୍ୱେଚ୍ଛାସେବୀ ଭାଇ ଓ ଭଉଣୀ ମାନେ ନିଜ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଉଥିବା ଦେଖିବାକୁ ମିଳୁଛି । ସୋମବାର ସନ୍ଧ୍ୟାରେ ଫୁଲବାଣୀ ସହରର ସୁନାମଧନ୍ୟ କଳାକାରଙ୍କୁ ନେଇ ସାଗର ସରଗମ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି ବୋଲି ସାଂସ୍କୃତିକ ସମ୍ପାଦକ ଅଶୋକ ମହାନ୍ତି ସୂଚନା ଦେଇଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ସହ ସମ୍ପାଦକ ଅଜିତ ମହାରଣା, ବୀଣାପାଣି ପ୍ରଧାନ, ଅର୍ଥ ସମ୍ପାଦକ କମଳ ବେହେରା, ଜଗନାଥ ରାଜୁ, ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି ।



# ସ୍ପଷ୍ଟ ରାଜନୈତିକ-ସାମରିକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୀମିତ ବଳ ପ୍ରୟୋଗ : ଅପରେସନ୍ ସିନ୍ଦୂର- ବିଶ୍ୱ ପାଇଁ ଏକ ଅନୁକରଣୀୟ ଉଦାହରଣ

ଆମେରିକୀୟ, ଇସ୍ରାଏଲୀ ଏବଂ ରୁଷୀୟ ଯୁଦ୍ଧ କୌଶଳର ପରୀକ୍ଷଣ ତଥା ପରିବର୍ତନଶୀଳ ରାଜନୈତିକ-ସାମରିକ ଲକ୍ଷ୍ୟଗୁଡ଼ିକରୁ ଏହା ସ୍ପଷ୍ଟ ହୋଇଛି ଯେ, ଏକବିଂଶ ଶତାବ୍ଦୀର ଯୁଦ୍ଧ ଏବଂ ସଂଘର୍ଷଗୁଡ଼ିକ ପ୍ରାୟତଃ ଦୀର୍ଘକାଳୀନ ତଥା ଅସ୍ପଷ୍ଟ ଅଭିଯାନରେ ପରିଣତ ହୋଇଛି । ଏହାର ପରିଣାମ ଉକ୍ତ ଅଂଚଳ ପାଇଁ ଯେତିକି ଭୟାବହ, ଯୁଦ୍ଧ ଆରମ୍ଭ କରିଥିବା ଦେଶ ପାଇଁ ମଧ ସେତିକି କ୍ଷତିକାରକ, ଯିଏ ଶେଷରେ ନିଜର ପ୍ରାରମ୍ଭିକ ପ୍ରାଧାନ୍ୟ ହରାଇ ବସେ । ତାଲିବାନ, ଇରାକ, ୟୁକ୍ରେନ, ଗାଜା ଏବଂ ବର୍ତମାନର ଇରାନ ସଂଘର୍ଷ ଏହା ଦର୍ଶାଏ ଯେ ସାମରିକ କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାପ ପ୍ରୟୋଗ କରିବା ନୁହେଁ । ଏହାର ପ୍ରକୃତ ଲକ୍ଷ୍ୟ ହେଉଛି ଏକ ନିର୍ଣ୍ଣାୟକ ରଣନୈତିକ ସଫଳତା ହାସଲ କରିବା ଏବଂ ତା'ପରେ ଅଧିକ ଶକ୍ତିଶାଳୀ ସାମରିକ ବାହିନୀ ଦ୍ୱାରା ନିର୍ଦ୍ଧାରିତ ଅନୁକୂଳ ସର୍ତରେ ଯୁଦ୍ଧରୁ ଅଲଗା ହୋଇଯିବା । ଅପରେସନ୍ ସିନ୍ଦୂରରେ ଭାରତର ପ୍ରତିକ୍ରିୟା ବିଶ୍ୱର ସାମରିକ ଶକ୍ତି, ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଅନ୍ତଃକରଣ ନିମନ୍ତେ ଏକ ପ୍ରଭାବୀ ବିକଳ୍ପ ପ୍ରଦାନ କରେ ଯାହା ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଅନେକ ଥର ଯୁଦ୍ଧବିରତି ପାଇଁ ଭୁଲ ଗୌରବ ଦାବି କରିଛନ୍ତି; କିନ୍ତୁ ବ୍ୟାପକ ସାମରିକ ଏବଂ ଆର୍ଥିକ କ୍ଷୟକ୍ଷତି ଘଟିବା ପରେ ସୁଦ୍ଧା ସେ ଇରାନ ସହିତ ଯୁଦ୍ଧବିରତି ହାସଲ କରିପାରିଲେ ନାହିଁ । ଅପରେସନ ସିନ୍ଦୂର ସ୍ପଷ୍ଟ ଭାବରେ ପରିଭାଷିତ ଉଦ୍ଦେଶ୍ୟ ସହିତ ସୁଚିନ୍ତିତ ଭାବରେ ବଳ ପ୍ରୟୋଗ ଏବଂ ସେହି ଉଦ୍ଦେଶ୍ୟଗୁଡ଼ିକ ହାସଲ ହେବା ପରେ ଶୃଙ୍ଖଳିତ ସଂଯମତାର ଉଦାହରଣ ଉପସ୍ଥାପନ କରେ । ପାକିସ୍ତାନର ଦୃଢ଼ ସୁରକ୍ଷା ବ୍ୟବସ୍ଥା ଦ୍ୱାରା ଏକ ବର୍ବରୋଚିତ ଉତେଜନା ପରେ ଅପରେସନ୍ ସିନ୍ଦୂର ଆରମ୍ଭ ହୋଇଥିଲା ଯେଉଁଥିରେ ଧର୍ମୀୟ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରୁଥିବା ଆତଙ୍କବାଦୀମାନେ କେବଳ ପୁରୁଷ ସଦସ୍ୟଙ୍କୁ ସେମାନଙ୍କ ପରିବାରର ଅନ୍ୟ ସଦସ୍ୟ ଯଥା ପତ୍ନୀ, ସନ୍ତାନ ଏବଂ ପିତାମାତାଙ୍କ ସମ୍ମୁଖରେ ନିର୍ମମ ଭାବରେ ହତ୍ୟା କରିଥିଲେ । ଏହା ପରେ ଯାହା ଘଟିଥିବା ତାହା କେବଳ ଭାବପ୍ରବଣତା ବୃଦ୍ଧି କିମ୍ବା ଖୋଲା ପ୍ରତିଶୋଧ ବୋଲି କୁହାଯାଇ ପାରିବନାହିଁ । ଏକ ସଂରଚିତ ସିଡ଼ି ଯେପରି ନିର୍ମିତ ହୋଇଥିଲା । ଏହା ପରବର୍ତୀ ପ୍ରତ୍ୟେକ ପର୍ଯ୍ୟାୟ ସୁଚିନ୍ତିତ ଭାବରେ ଅଥଚ ତତ୍କାଳ, ଶାସ୍ତିବିଧାନମୂଳକ ଏବଂ ପ୍ରତିଶୋଧ ଗ୍ରହଣକାରୀ ଭାବରେ ଗ୍ରହଣ କରାଯିବା ସହିତ ବିଭିନ୍ନ ଲକ୍ଷ୍ୟସ୍ଥଳକୁ ଧ୍ୱଂସ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଏହା କ୍ଷମତା ଏବଂ ଉଦ୍ଦେଶ୍ୟ ଉଭୟକୁ ସୂଚାଉଥିଲା ଏବଂ ତଥାପି ଉଦ୍ଦେଶ୍ୟ ହାସଲ ସହିତ ଏହାକୁ ହ୍ରାସ କରିବା ପାଇଁ ଏକ ସ୍ୱତନ୍ତ୍ର ଆଭିମୁଖ୍ୟ ମଧ ରଖାଯାଇଥିଲା । ଏହା କୌଣସି ଦୁର୍ବଳତା ନଥିଲା ବରଂ ଏହା ନିୟନ୍ତ୍ରଣ ଥିଲା । ଭାବନା ନୁହେଁ ବରଂ ନିଷ୍ଠୁରତା ଯାହା 'ଯୁଦ୍ଧ କରିବାର ଅଧିକାର' (ଯଥାର୍ଥ ଆଡ୍ ବେଲମ୍) ଏବଂ ନିଦର ଦକ୍ଷତା ଉପରେ ଆତ୍ମବିଶ୍ୱାସରୁ ଆସେ । ଭାରତୀୟ ଆଭିମୁଖ୍ୟର ସବୁଠାରୁ ପରିଭାଷିତ ବୈଶିଷ୍ଟ୍ୟ ଥିଲା ରାଜନୈତିକ ଏବଂ ସାମରିକ ଉଦ୍ଦେଶ୍ୟର ସ୍ପଷ୍ଟତା । ଲକ୍ଷ୍ୟ ଥିଲା ସୀମାପାର ଆତଙ୍କବାଦ ପାଇଁ ଦାୟୀ ଭିତିଭୂମି ଏବଂ ଏହାର କାରକମାନଙ୍କ ଉପରେ ତୁରନ୍ତ, ଅନୁଭବ୍ୟ ଶାସ୍ତିବିଧାନ ଗ୍ରହଣ କରିବା ଏବଂ ପ୍ରତିରୋଧକୁ ଦୃଢ଼ ହସ୍ତରେ ପ୍ରତିହତ କରିବା । ସମସ୍ତ ପରମାଣୁ ଛତ୍ରଛାୟା ଏବଂ ଆନ୍ତର୍ଜାତୀୟ ନିୟମାବଳୀର ପରିସର ମଧ୍ୟରେ ରହି ଏହି ଦାୟିତ୍ୱ ସଂପାଦନ କରିବା । ଏହି ଲକ୍ଷ୍ୟଗୁଡ଼ିକ ହାସଲ ନିମନ୍ତେ ଆତଙ୍କବାଦର ପ୍ରମୁଖ ଡାଁକୁ ଧ୍ୱଂସ କରିବା ଏବଂ ପାକିସ୍ତାନର ସାମରିକ ନେତୃତ୍ୱକୁ ମାନସିକ ସ୍ତରରେ ଆଘାତ ପ୍ରଦାନ ଉଦ୍ଦେଶ୍ୟ ପୂରଣ ହେବା ପରେ, ଭାରତ ତା'ର କାର୍ଯ୍ୟାନୁଷ୍ଠାନକୁ ବନ୍ଦ୍ କରିଥିଲା । ୮୮ ଘଂଟା ମଧ୍ୟରେ, ଭାରତୀୟ ସଶସ୍ତ୍ର ବାହିନୀ ତା'ର ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇଥିଲା । ଏଥି ନିମନ୍ତେ ରାଜନୈତିକ ନେତୃତ୍ୱ ଅତି ସ୍ପଷ୍ଟ ଭାବରେ ସେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାକିସ୍ତାନୀ ସାମରିକ ପ୍ରତିଷ୍ଠାନ ଅନୁମାନ କରୁଥିଲା ଯେ କୌଣସି ପରିଣାମ ବିନା ଭାରତକୁ ଏଭଳି ଉସୁକାଇ ପାରିବ ଏବଂ ଯେତେବେଳେ ଏହାର ପରିଣାମ ଭୟଙ୍କର ହୋଇଥିଲା ସେତେବେଳେ ପାକିସ୍ତାନ ଏକ ଯୁଦ୍ଧବିରାମ ଚାହିଁଥିଲା । ସେ ଦେଶର ସେନାବାହିନୀ ଆଣ୍ଠୁମାଡ଼ି ବସି ରାଜନୈତିକ ନେତୃତ୍ୱ ନିକଟରେ ବାରମ୍ବାର ନେହୁରା ହୋଇଥିଲେ । ସେ ଦେଶର ରାଜନୈତିକ ନେତାମାନେ ଲାଇଭ୍ ମିଡିଆ ସାମ୍ନାରେ ଭୟଭୀତ ହୋଇପଡ଼ିଥିବା ସ୍ପଷ୍ଟ ହୋଇଥିଲା ଏବଂ ରହିଥିବା ସାମରିକ କମାଣ୍ଡରମାନେ ଭୟରେ ଲୁଚିଥିଲେ । ଏହି ମୁହୂର୍ତଟି ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ଏକ ଗଠନମୂଳକ ବାସ୍ତବତା ଉପରେ ଗୁରୁତ୍ୱାରୋପ କରେ । ପାକିସ୍ତାନର ରଣନୈତିକ ସିଦ୍ଧାନ୍ତ ଦୀର୍ଘ ସମୟ ଧରି ରହିଆସିଥିଲା ଯେ 'ହଜାର କ୍ଷତ ମାଧ୍ୟମରେ ଭାରତକୁ ରକ୍ତାକ୍ତ କରିବା' । କିନ୍ତୁ ଏକ ସଂକ୍ଷିପ୍ତ, ନିର୍ଦ୍ଦିଷ୍ଟ, ଉଚ୍ଚ-ତୀବ୍ରତା ଯୁକ୍ତ କାର୍ଯ୍ୟାନୁଷ୍ଠାନ ଭଳି ପ୍ରତିକ୍ରିୟାକୁ ସହ୍ୟ କରିବାର କ୍ଷମତା ସେମାନଙ୍କର ନାହିଁ ଯାହା ସିଧାସଳଖ ଭାବରେ ଏହାର କ୍ଷମତାର ମୂଳ ଲିଭରଗୁଡ଼ିକୁ ଶକ୍ତି ଯୋଗାଏ । ଭାରତ ପ୍ରତି ଚିରନ୍ତନ ଶତ୍ରୁତା ଉପରେ ଏହାର ନିର୍ଭରଶୀଳତା କେବଳ ଆଦର୍ଶଗତ ନୁହେଁ ବରଂ ସାଂଗଠନିକ । ପାକିସ୍ତାନ ଉପରେ ସେ ଦେଶର ସାମରିକ ବାହିନୀର ପ୍ରାଧାନ୍ୟ ଏହି ସଂଘର୍ଷପୂର୍ଣ୍ଣ ଉଦାହରଣ ଦ୍ୱାରା ବଜାୟ ରହିଛି । ଭାରତୀୟ ରଣନୈତିକ ନେତୃତ୍ୱ ବୁଝିପାରିଥିଲା ଯେ ପାକିସ୍ତାନ ମୌଳିକ ଭାବରେ ଏହାର ରଣନୈତିକ ଆଭିମୁଖ୍ୟ ପରିବର୍ତନ କରିବ ବୋଲି ଆଶା କରିବା ଅବାସ୍ତବ । କାରଣ ଶତ୍ରୁତା ଆକସ୍ମିକ ନୁହେଁ ବରଂ ଅସ୍ତିତ୍ୱପୂର୍ଣ୍ଣ ଏବଂ ଅସ୍ଥିମଜ୍ଜାଗତ । ତେଣୁ, ଭାରତୀୟ କାର୍ଯ୍ୟାନୁଷ୍ଠାନ ପାକିସ୍ତାନକୁ 'ସମାଧାନ' କରିବାକୁ ପ୍ରୟାସ କରି ନଥିଲା, ବରଂ ଏହା ଖଳ ମାନସିକତା ବୃଦ୍ଧିର ଚକ୍ରରେ ଫସି ନଯାଇ ତୁରନ୍ତ ପରିଣାମ ପ୍ରାପ୍ତି ପାଇଁ ଚିନ୍ତା କରିଥିଲା ଏବଂ ପ୍ରତିରୋଧକୁ ପୁରୋଭାଗରେ ଅବସ୍ଥାପନ କରିଥିଲା । ଏହି ପାର୍ଥକ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେହେତୁ ପାକିସ୍ତାନୀ ସେନାର ମାନସିକତା ରାଷ୍ଟ୍ର ଉପରେ ପ୍ରାଧାନ୍ୟ ଅସ୍ତିତ୍ୱର ବିପଦ ଏବଂ ଧାର୍ମିକ ପରିଚୟ ଉପରେ ଆଧାରିତ ସଂଘର୍ଷର ଉଦାହରଣ ଦ୍ୱାରା ବଜାୟ ରହିଛି । ସେଠାରେ ରଣନୈତିକ ପରିପକ୍ୱତା ଆଦର୍ଶଗତ ଆଭିମୁଖ୍ୟକୁ ପରିବର୍ତନ କରିବା ନୁହେଁ ଯାହା ପ୍ରାୟତଃ ଏକ ଅସମ୍ଭବ କାର୍ଯ୍ୟ ବରଂ ବିଶ୍ୱସନୀୟ, ସୀମିତ ଏବଂ ପୁନରାବୃତିଯୋଗ୍ୟ କାର୍ଯ୍ୟ ମାଧ୍ୟମରେ ଏହାର ଆଚରଣକୁ ଆକାର ଦେବା ଉପରେ ସେମାନେ ବିଶ୍ୱାସୀ । ଆମେରିକୀୟ ଯୋଜନାକାରୀଙ୍କ ନିମନ୍ତେ, ଏହା ସାମ୍ପ୍ରତିକ ସାମରିକ କାର୍ଯ୍ୟାନୁଷ୍ଠାନର ଏକ ସମ୍ପୂର୍ଣ୍ଣ ବିପରୀତ ଉଦାହରଣ ପ୍ରଦାନ କରେ । ଯୁକ୍ତରାଷ୍ଟ୍ର ଆମେରିକା ବାରମ୍ବାର ଅତ୍ୟଧିକ ସାମରିକ ଶ୍ରେଷ୍ଠତା ପ୍ରଦର୍ଶନ କରିଛି ସତ, କିନ୍ତୁ କୌଶଳଗତ ପ୍ରାଧାନ୍ୟକୁ ସଂକ୍ଷିପ୍ତ ରଣନୈତିକ ଫଳାଫଳରେ ପରିଣତ କରିବା ନିମନ୍ତେ ଏହାକୁ ସଂଘର୍ଷ କରିବାକୁ ପଡ଼ିଛି । ଅଭିଯାନଗୁଡ଼ିକ, ଯଦି ନିୟନ୍ତ୍ରିତ ନୁହେଁ, ତେବେ ଏହାର ପରିସର ସଦାବେଳେ ବୃଦ୍ଧି ପାଇଥାଏ, ଉଦ୍ଦେଶ୍ୟକୁ ଅସ୍ପଷ୍ଟ କରେ ଏବଂ ସେମାନଙ୍କର ପ୍ରାରମ୍ଭିକ ଉଦ୍ଦେଶ୍ୟଠାରୁ ଢେର୍ ଦୂରକୁ ବିସ୍ତାରିତ ହୁଏ, ଯାହା ଫଳରେ ରଣନୈତିକ କ୍ଳାନ୍ତି, ସମ୍ବଳ ଅପଚୟ ହୁଏ ଏବଂ କେତେକ କ୍ଷେତ୍ରରେ, ବିଶ୍ୱସନୀୟତା ହ୍ରାସ ପାଇଥାଏ । ଇରାନ ଯୁଦ୍ଧରେ ଆମେରିକା ସହିତ ସମ୍ପ୍ରତି ସମାନ ଘଟଣା ଘଟିଛି । ଏହା କିଛି ନୂଆ କଥା ନୁହେଁ ବରଂ ଇରାକ, ଆଫଗାନିସ୍ତାନ ଏବଂ ଅନ୍ୟାନ୍ୟ ଯୁଦ୍ଧ କିମ୍ବା ସଂଘର୍ଷର ପୁନରାବୃତି, ଯାହା ଆମେରିକାକୁ ସେହି ବିବାଦକୁ ଟାଣି ନେଇଥିଲା । ଅପରେସନ୍ ସିନ୍ଦୂରର ରଣନୀତିକୁ ଚାଲୁ ରହିଥିବା ଇରାନ ଯୁଦ୍ଧରେ ଏକ ଶିକ୍ଷଣୀୟ ଉଦାହରଣ ଭାବରେ ପ୍ରୟୋଗ କରିବା କଥା ବିଚାର କରନ୍ତୁ । ପରମାଣୁ ଭିତିଭୂମି, ବାଲିଷ୍ଟିକ୍ ମିସାଇଲ୍ କ୍ଷମତା ଏବଂ ପ୍ରଶାସନିକ ନେତୃତ୍ୱର ପ୍ରମୁଖ କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟ କରି ଚଲାଯାଇଥିବା ସୀମିତ ଅଭିଯାନ କିଛି ସପ୍ତାହ ମଧ୍ୟରେ ସଫଳ ହୋଇସାରିଥିଲା ଏବଂ ଏହା ରଣନୈତିକ ବିଜୟକୁ ସ୍ପଷ୍ଟ କରିଥିଲା । ଏହି ନିର୍ଣ୍ଣାୟକ ପ୍ରହାର, ଯାହା ସଠିକ୍ ଭାବେ ଯୋଜନା ଓ କାର୍ଯ୍ୟକାରୀ କରାଯାଇଥିଲା, ତାହା ଇରାନର ଯୁଦ୍ଧ ବଢ଼ାଇବାର କ୍ଷମତାକୁ ପୂର୍ବରୁ ହିଁ ଦୁର୍ବଳ କରିଦେଇଥିଲା । ଏହା ପରେ, ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମରିକ ଉପସ୍ଥିତି ବଦଳରେ ମିଶନ ସଫଳ ହେବାର ଘୋଷଣା ଏବଂ କୂଟନୈତିକ ତଥା ଅର୍ଥନୈତିକ ସମ୍ପର୍କ ଆଡ଼କୁ ଅଗ୍ରସର ହେବା ଦ୍ୱାରା ପ୍ରକୃତ ରାଜନୈତିକ-ସାମରିକ ଲକ୍ଷ୍ୟ ହାସଲ ହୋଇପାରିଥାନ୍ତା । ଏହି ମତାମତ ୨୦୨୬ ମାର୍ଚ୍ଚ ମସିହାରେ ଭାରତୀୟ ଥିଙ୍କ୍ ଟ୍ୟାଙ୍କ୍ 'କ୍ଲଜ୍' ଦ୍ୱାରା ପ୍ରକାଶିତ 'ଇସ୍ୟୁ ବ୍ରିଫ୍ ୪୯୬'ରେ ଲେଖକଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା । ଇରାନ ମଧ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରୁ ଉଦ୍ଧାର ପାଇବାର ଏକ ମାର୍ଗ ଖୋଜୁଥିଲା । କିନ୍ତୁ ଆମେରିକୀୟ ଲକ୍ଷ୍ୟସ୍ଥଳଗୁଡ଼ିକ ସମ୍ପୂର୍ଣ୍ଣ ବିନାଶ କିମ୍ବା ପରାଧୀନତା ଆଡ଼କୁ ସ୍ଥାନାନ୍ତରିତ ହୋଇଥିଲା । ତେଣୁ ବିକଳ୍ପ ପନ୍ଥା ଅନୁସରଣ କରାଯାଇଥିଲା । ସମଗ୍ର ରାଜନୈତିକ ଦୃଶ୍ୟପଟକୁ ପୁନଃଆକାର ପ୍ରଦାନ କରିବା ନିମନ୍ତେ ଏକ ଦୀର୍ଘକାଳୀନ ଅପରେସନ୍ ଯାହା ଦ୍ୱିତୀୟ ଏବଂ ତୃତୀୟ-କ୍ରମ ପରିଣାମ ସୃଷ୍ଟି କରିଛି ଏବଂ ଯାହା ପରିଶେଷରେ ଆମେରିକୀୟ ସ୍ୱାର୍ଥ ଏବଂ ପ୍ରତିଷ୍ଠାକୁ କ୍ଷତି ପହଂଚାଉଛି । ବିସ୍ତାରିତ ସାମରିକ ଅଭିଯାନ ଅସମାନ ପ୍ରତିଶୋଧକୁ ଆମନ୍ତ୍ରଣ କରେ, ଘରୋଇ ସମର୍ଥନକୁ ହ୍ରାସ କରେ ଏବଂ ଭୂ-ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି କରେ ଯାହା ପରିଚାଳନା କରିବା କଷ୍ଟସାଧ୍ୟ । ଇରାନ ଏହି ସମସ୍ତ ପଦକ୍ଷେପ ସଫଳତାର ସହିତ ଅନୁସରଣ କରିଛି । ପରାସ୍ତ, ଧ୍ୱଂସ ଏବଂ ବିଧ୍ୱସ୍ତ, ତଥାପି ସ୍ଥିର ଏବଂ ବିଜୟୀ ହୋଇ ଉଭା ହୋଇଛି । ଅପର ପକ୍ଷେ, ସ୍ପଷ୍ଟ ଉଦ୍ଦେଶ୍ୟ ସହିତ ସଂରକ୍ଷିତ ଏକ ସଂକ୍ଷିପ୍ତ, ତୀବ୍ର ହସ୍ତକ୍ଷେପ ଇପସିତ ଫଳାଫଳ ହାସଲ କରିଥାନ୍ତା ଏବଂ ରଣନୈତିକ ନମନୀୟତାକୁ ତଥାପି ସଂରକ୍ଷିତ କରିଥାନ୍ତା । ଭାରତୀୟ ଆଭିମୁଖ୍ୟ ବୃଦ୍ଧି ନିୟନ୍ତ୍ରଣର ଗୁରୁତ୍ୱକୁ ଅଧିକ ପ୍ରତିଭା କରେ କାରଣ ଆଧୁନିକ ଯୁଦ୍ଧ କେବଳ ବଳ ପ୍ରୟୋଗ ବିଷୟରେ ନୁହେଁ, ବରଂ ପ୍ରତିପକ୍ଷ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଉଭୟଙ୍କ ଧାରଣା ପରିଚାଳନା କରାଯିବା ମଧ ଜରୁରୀ । ଏହାର ପ୍ରତିକ୍ରିୟାକୁ ମାପ କରି, ଭାରତ କୌଣସି ବେପରୁଆ ଭାବ ବିନା ନିଜର ସଂକଳ୍ପ ପ୍ରଦର୍ଶନ କରିପାରିଥିଲା । ଏହା ସୂଚାଇ ଦେଇଥିଲା ଯେ ଭାରତ ନିର୍ଣ୍ଣାୟକ ଭାବରେ ସେନା କାର୍ଯ୍ୟାନୁଷ୍ଠାନ ନିମନ୍ତେ ସକ୍ଷମ ଥିଲେ ସୁଦ୍ଧା ଅନିୟନ୍ତ୍ରିତ ସଂଘର୍ଷକୁ ରୋକିବା ପାଇଁ ସମାନ ଭାବରେ ପ୍ରତିବଦ୍ଧ । ଅନେକ ଚୌକିବସା ସମାଲୋଚକ ଏହି ସାମରିକ କାର୍ଯ୍ୟାନୁଷ୍ଠାନର ନିରନ୍ତର ବୃଦ୍ଧି ଚାହୁଁଥିଲେ, କିନ୍ତୁ ଭାରତୀୟ ନେତୃତ୍ୱ ମୁକାବିଲାର ମୁଦ୍ରାରେ ରହିଲେ ନାହିଁ । ଏହା ବଦଳରେ, ଦେଶ ନିଜର ବ୍ୟାପକ ଜାତୀୟ ପ୍ରାଥମିକତା, ବିଶେଷକରି ଏହାର ଦୀର୍ଘକାଳୀନ ବିକାଶ ପଥକୁ ପୁଣି ଥରେ ଫେରିଗଲା । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଦେଶ ୨୦୪୭ ପାଇଁ ଏକ ମହତ୍ୱାକାଂକ୍ଷୀ ଆଭିମୁଖ୍ୟ ପ୍ରକାଶ କରିଛି, ଯାହା ଏହାର ସ୍ୱାଧୀନତାର ଶତବାର୍ଷିକୀ ପାଳନ ଅବସରରେ ହାସଲ କରାଯିବ । ଆର୍ଥିକ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ବିଶ୍ୱ ସମନ୍ୱୟ ଏହି ମିଶନର କେନ୍ଦ୍ରବିନ୍ଦୁରେ ରହିଛି । ଅପରେସନ ସିନ୍ଦୂର ଉପରେ ବିରତି ବଟନ୍ ଦବାଯିବା ପରେ ଦେଶ ଆଗକୁ ବଢ଼ିଛି । ପାକିସ୍ତାନୀ ସାମରିକ ପ୍ରତିଷ୍ଠାନକୁ ଦୀର୍ଘକାଳୀନ ଲକ୍ଷ୍ୟ ଦିଗରେ ଆଉ ଏକ ଭୁଲ୍ ପଦକ୍ଷେପ ନେବାକୁ ଏକ ନିଷ୍ଠୁର ପୁନଃ-ପରୀକ୍ଷଣର ପ୍ରତିଶ୍ରୁତି ଦେଇଥିଲା । ଯୁଦ୍ଧବିରତି ପ୍ରସ୍ତାବ ଏବଂ ବିରତି ଗ୍ରହଣ କରି ଏବଂ ଏହିପରି ଦୀର୍ଘକାଳୀନ ସଂଘର୍ଷକୁ ଏଡାଇ, ଭାରତ ଆର୍ଥିକ, ରାଜନୈତିକ ଏବଂ ସାମାଜିକ ବିକାଶ ଧାନର ବ୍ୟାଣ୍ଡୱିଡଥକୁ ସଂରକ୍ଷଣ କରିଥିଲା ଯାହା ତା'ର ଦୀର୍ଘକାଳୀନ ଲକ୍ଷ୍ୟ ହାସଲ କରିବା ପାଇଁ ବାଧ୍ୟତାମୂଳକ ଥିଲା । ଅପର ପକ୍ଷେ, ବିସ୍ତାରିତ ସାମରିକ କାର୍ଯ୍ୟାନୁଷ୍ଠାନରେ ଆବଦ୍ଧ ରାଷ୍ଟ୍ରଗୁଡ଼ିକ ପ୍ରାୟତଃ ସେମାନଙ୍କର ଘରୋଇ ଏଜେଣ୍ଡାକୁ ଏକପାଖରେ ରଖି, ନିଜର ସମ୍ବଳକୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ଏବଂ ନିରନ୍ତର ଯୁଦ୍ଧର ଆଲୋକ ଦ୍ୱାରା ନିଜର ବିଶ୍ୱ ସ୍ଥିତି ଜଟିଳ କରିପକାଇ ଥାଆନ୍ତି । ଅପରେସନ୍ ସିନ୍ଦୂର କେବଳ ସାମରିକ ପ୍ରଭାବଶାଳୀତାରେ ଏକ କେସ୍ ଷ୍ଟଡି ନୁହେଁ ବରଂ ରାଷ୍ଟ୍ରନୀତିରେ ଏକ ମହାନ୍ ଶିକ୍ଷା । ଏହା କିପରି ଶକ୍ତିକୁ ନିନ୍ଦାର ଏକ ସ୍ପଷ୍ଟ ଉପକରଣ ଭାବରେ ବ୍ୟବହାର କରାଯାଇ ପାରିବ ତାହା ଶିକ୍ଷଣୀୟ । ଏହା ଦର୍ଶାଏ ଯେ କ୍ଷମତା ସହିତ ଯୋଡି ହେଲେ, ସଂଯମତା ହ୍ରାସ କରିବା ପରିବର୍ତେ ବିଶ୍ୱସନୀୟତାକୁ ବୃଦ୍ଧି କରେ ଏବଂ ଏହା ଏପରି ଧାରଣାକୁ ମଧ ମଜଭୁତ କରେ ଯେ ସଠିକ୍ ସମୟରେ ଏକ ସାମରିକ ଅଭିଯାନ ଶେଷ କରିବା ମଧ ଏହାକୁ ଆରମ୍ଭ କରିବା ପରି ଗୁରୁତ୍ୱପୂର୍ଣ୍ଣ । ଅନ୍ତରାଷ୍ଟ୍ରୀୟ ସମୁଦାୟ ପାଇଁ, ଏହି ପଦକ୍ଷେପ ସ୍ପଷ୍ଟ । ଜଟିଳ, ପ୍ରାୟତଃ ଅସମ୍ଭବ ଦ୍ୱନ୍ଦ ଭିତର ଦେଇ ଗତି କରୁଥିବା ଏକ ବିଶ୍ୱରେ, ସଫଳତା କାର୍ଯ୍ୟର ଅବଧି ଦ୍ୱାରା ନୁହେଁ ବରଂ ଉଦ୍ଦେଶ୍ୟ ଏବଂ ଫଳାଫଳ ମଧ୍ୟରେ ସମନ୍ୱୟ ଦ୍ୱାରା ପରିଭାଷିତ ହୁଏ । ଭାରତର ମାପକାଠି କିନ୍ତୁ ପ୍ରଭାବଶାଳୀ ପ୍ରତିକ୍ରିୟା ଦର୍ଶାଏ ଯେ ଏକ ନିର୍ଣ୍ଣାୟକ ମୁହାଁମୁହିଁ ପ୍ରଦାନ କରିବା, ପ୍ରତିଦ୍ୱନ୍ଦ୍ୱୀକୁ ପୁନର୍ମାପନ କରିବାକୁ ବାଧ କରିବା ଏବଂ ତା'ପରେ ନିଜ ସର୍ତରେ ପଛକୁ ହଟିବା ସର୍ବଦା ସମ୍ଭବ । ଅପରେସନ୍ ସିନ୍ଦୂରର ସମ୍ପୂର୍ଣ୍ଣ ଗଠନ କେବଳ ଉତମ ରଣନୀତି ନୁହେଁ ବରଂ ଏହାର ସବୁଠାରୁ ଶୃଙ୍ଖଳିତ ରୂପରେ ସ୍ମାର୍ଟ ଶକ୍ତିର ପ୍ରୟୋଗ ଥିଲା ।



ଲେଫ୍ଟନାଂଟ ଜେନେରାଲ ଦେବେନ୍ଦ୍ର ପ୍ରତାପ ପାଣ୍ଡେ (ଅବସରପ୍ରାପ୍ତ)

***ଲେଖକ, ଲେଫ୍ଟନାଂଟ ଜେନେରାଲ ଦେବେନ୍ଦ୍ର ପ୍ରତାପ ପାଣ୍ଡେ, ପିଭିଏସଏମ, ୟୁୱାଇଏସଏମ, ଏଭିଏସଏମ, ଭିଏସଏମ (ଅବସରପ୍ରାପ୍ତ), ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି କାଶ୍ମୀରରେ ସାତଟି ଅପରେସନାଲ ଅବଧି ବିତାଇଛନ୍ତି । ସେ ସିଆଚେନ ବ୍ୟତୀତ ଏବଂ ଚୀନ୍ ବିପକ୍ଷରେ ଅନେକ କାର୍ଯ୍ୟାନୁଷ୍ଠାନରେ ସାମିଲ ଥିଲେ । ସେ ଶ୍ରୀନଗରର ଚ୍ୟାଲେଞ୍ଜପୂର୍ଣ୍ଣ '୧୫ କୋର'ର କମାଣ୍ଡର ଥିଲେ ଏବଂ ବିଶ୍ୱପ୍ରସିଦ୍ଧ 'ଆର୍ମି ୱାର କଲେଜ୍'ର କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି । ୱାଶିଂଟନ୍ ଡିସିର ନ୍ୟାସନାଲ୍ ୱାର୍ କଲେଜ୍ ସମେତ ତାଙ୍କ ପାଖରେ ଦୁଇଟି ମାଷ୍ଟର୍ସ ଡିଗ୍ରୀ ଏବଂ ପ୍ରତିରକ୍ଷା ଓ ରଣନୀତିରେ ଏମ୍.ଫିଲ୍ ରହିଛି । ସେ 'ରିଫ୍ଲେକ୍ସନ୍ସ ଅନ୍ ଷ୍ଟ୍ରାଟେଜି' ପୁସ୍ତକର ରଚୟିତା ଏବଂ ବିଭିନ୍ନ ଥିଙ୍କ୍ ଟ୍ୟାଙ୍କ୍ ତଥା ପ୍ଲାଟଫର୍ମରେ ତାଙ୍କର ପ୍ରାୟ ୫୦ଟି ନିବନ୍ଧ ପ୍ରକାଶିତ ହୋଇଛି । ସେ ୨୦୦ରୁ ଅଧିକ ପଡ଼କାଷ୍ଟରେ ଅଂଶଗ୍ରହଣ କରିଛନ୍ତି ଏବଂ କର୍ଣ୍ଣେଲ ଅଜୟ ରାଇନାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସୋଲଜରିଂ ୱିଥ୍ ପ୍ୟାସନ୍'ର ସେ ହେଉଛନ୍ତି ମୁଖ୍ୟ ବିଷୟବସ୍ତୁ । ଜଣେ ଜାତୀୟ ସୁରକ୍ଷା ବିଶ୍ଳେଷକ ଭାବରେ ସେ ବିଭିନ୍ନ ମଂଚରେ ରଣନୀତି, ଭୂ-ରାଜନୀତି ଏବଂ ନେତୃତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରନ୍ତି । ଯୁବପିଢ଼ିଙ୍କ ମଧ୍ୟରେ ସେ ବେଶ୍ ପରିଚିତ ଏବଂ ସୋସିଆଲ ମିଡିଆରେ ତାଙ୍କର ବହୁ ସଂଖ୍ୟକ ଅନୁଗାମୀ ରହିଛନ୍ତି ।।***

## ବିଧାୟିକାଙ୍କ ଦ୍ୱାରା ବାଲିଆପାଳ ବ୍ଲକରେ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ



ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକରେ ବୁଧବାର ବସ୍ତା ବିଧାୟିକାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନିର୍ବାଚିତ ଲୋକ ପ୍ରତିନିଧି ମାନେ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟତଃ ଗ୍ରାମସଭାରେ ତାଲିକାଭୁକ୍ତ ଯୋଜନା ଗୁଡିକ ପାସ ନ ହୋଇ ଶୁନ୍ୟରେ ହେଉଥିବା ଯୋଜନା ଗୁଡ଼ିକ ଜିଲ୍ଲା କାର୍ଯ୍ୟଳୟରୁ ପାସ କିପରି ହେଉଛି ବୋଲି ଶ୍ରୀରାମପୁର ପଂଚାୟତର ସରପଂଚ ଦେବ କୁମାର ଦେ ଓ ଅସ୍ତୀ ପଂଚାୟତର ସରପଂଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା ଅଭିଯୋଗ କରିଥିବା ବେଳେ ଡଗରା ପଂଚାୟତର ସରପଂଚ ସତ୍ୟାନନ୍ଦ ମହାନ୍ତି ବ୍ୟାଙ୍କ ଦ୍ୱାରା ଭତା ପାଉଥିବା ହିତାଧିକାରୀ ମାନେ ଦୁଇ ମାସ ଧରି ଭତା ପାଇ ପାରୁ ନ ଥିବା ନେଇ ଅଭିଯୋଗ କରିଥିଲେ । ହେହିପରି ନିଖିରା ପଂଚାୟତର ପୂର୍ବତନ ସରପଂଚ ସପନ ଦାସ ବିଧାୟିକାଙ୍କ ଅନୁମୋଦନରେ ହେଉଥିବା ଯୋଜନା ଗୁଡ଼ିକୁ ସରକାରୀ ଦଳର ଲୋକମାନେ ଜୋର ଜବତଦସ୍ତ କାର୍ଯ୍ୟ କରିବା ଓ ସେମାନଙ୍କୁ କାର୍ଯ୍ୟ ଦେବାପାଇଁ କିଛି ଜେଇଙ୍କ ଉପରେ ରାଜନୈତିକ ଚାପ ହେଉଛି ବୋଲି ସିଧା ସିଧା କିଛି ଜେଇ କହୁଥିବାର ମଧ ସେ ଅଭିଯୋଗ କରିଥିଲେ । ଏହି ପରି ବିଭିନ୍ନ ପଂଚାୟତରେ ଭିନ୍ନ ଭିନ୍ନ ପ୍ରକାର ଅଭିଯୋଗ ଆସିଥିଲା । ସେହି ଅଭିଯୋଗ ମୂଳେ ଆସୁଥିବା ସମସ୍ୟା ଗୁଡ଼ିକୁ ଯଥା ଶୀଘ୍ର ସମାଧାନ ପାଇଁ ବିଧାୟିକା ଶ୍ରୀମତୀ ଜେନା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା କାର୍ଯକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ଏ ବି ଡି ଓ ଶରତ ଚନ୍ଦ୍ର ମୁଦୁଲି ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଯୋଗଣ ଅଧିକାରୀ ବିଷ୍ଣୁପଦ ମହାରଣା, ଜିପିଓ ପ୍ରିୟବ୍ରତ ଗିରି, ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁ, ଅବସର ପ୍ରାପ୍ତ ବିଡିଓ ଦୀପକ ଦାଶଙ୍କ ସହିତ ବ୍ଲକର ସମସ୍ତ ବିଭାଗର ଅଫିସର ଓ କର୍ମଚାରୀ ମାନେ ଉପସ୍ଥିତି ଥିଲେ ।

## ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରିଣୀ ପରିବର୍ଦ୍ଧିତ ବୈଠକ

ଯାଜପୁର(ନପ୍ର): ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରିଣୀ ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିରୋଧୀ ଦଳର ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ପ୍ରମୁଖ ଯୋଗ ଦେଇ ତୃଣମୂଳ ସ୍ତରରେ କିଭଳି ଦଳ କୁ ସଂଗଠିତ କରିହେବ ସେ ନେଇ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀ ଉପସ୍ଥିତ ରହି ଆଗକୁ ପଂଚାୟତ ନିର୍ବାଚନ କିଭଳି ବିଜେଡି ଦଖଲ କରିବ ସେ ନେଇ ଆଲୋଚନା କରିଥିଲେ ।

## ନିଟ ୨୦୨୬ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ଯାଜପୁର(ନିପ୍ର): ସାରା ଦେଶରେ ଅନୁଷ୍ଠିତ ହେଉଛି ନିଟ ୨୦୨୬ ପ୍ରବେଶିକା ପରୀକ୍ଷା । ଯାଜପୁର ଜିଲ୍ଲାରେ ମୋଟ ୨୬୩୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଜିଲ୍ଲାରେ ମୋଟ ୬ ଗୋଟି ସେଂଟରରେ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବେ । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି । ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ଗୋଟି ସେଂଟରରେ ୧୩୧୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ସେହିପରି ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟରେ ୩୬୦, ବ୍ୟାସନଗର ମହାବିଦ୍ୟାଳୟରେ ୪୮୦ଜଣ ଓ ରଗଡି ପଲିଟେକନିକ କଲେଜରେ ୪୮୦ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବେ । କଡା ସୁରକ୍ଷା ବଳୟରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେଉଛି ।

## ଜିଲ୍ଲାର କୁଜି ଆଳୁ ଚାହିଦା ବୃଦ୍ଧି ପାଉଛି

କନ୍ଧମାଳ(ନିପ୍ର): କନ୍ଧମାଳ ଜିଲ୍ଲାରେ ପୂର୍ବରୁ ପ୍ରଚୁର ପରିମାଣ ର କୁଜି ଆଳୁ, ଛୋଟ ଆଳୁ ବା ବନ୍ଧଗଡ଼ ଆଳୁ ଉତ୍ପାଦନ ହେଉଥିଲା । ଏହା ଜିଲ୍ଲା ର ଏକ ଅର୍ଥକାରୀ ଫସଲ ଭାବେ ପରିଚିତ । ବଜାରରେ ଏବେ ବଡ ଆଳୁ ୭ ଟଙ୍କାରୁ ୧୫ ଟଙ୍କା ମଧ୍ୟରେ ବିକ୍ରି ହେଉଛି । କିନ୍ତୁ ଏହି ଛୋଟ ଆଳୁ ଉତ୍ପାଦନ ସମୟରେ ୧୦୦ ଟଙ୍କା ରୁ ଆରମ୍ଭ ହୋଇ ୫୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ଯଦ୍ୱାରା ଚାଷୀମାନେ ଅଧିକ ଦୁଇ ପଇସା ପାଇପାରୁଛନ୍ତି । ବର୍ତମାନ ସମୟରେ ଏହି ଆଳୁ ଚାଷ ଆଉ ଅଧିକ ପରିମାଣରେ ହେଉ ନାହିଁ । ଏହି ଆଳୁ ର ବିଶେଷତ୍ୱ ହେଲା ଏହା ଥଣ୍ଡା ପାଗ ରେ ପ୍ରାୟ ଏକ ବର୍ଷ ପଯ୍ୟନ୍ତ ସଂରକ୍ଷଣ କରି ରଖା ଯାଇ ପାରୁଛି । କିନ୍ତୁ ୨୦୨୦ କୋଭିଡ ପରେ ଆଉ ଆଳୁ ସଂରକ୍ଷଣ କରି ରଖି ହେଉ ନାହିଁ । କାରଣ ଏଥିରେ ପୋକ ଲାଗି ନଷ୍ଟ ହେଉଛି । ଏହି ଆଳୁ ଗତ ସରକାର ସମୟରେ ବିଧାନସଭା ରେ ଚର୍ଚିତ ହୋଇ ଥିଲା । ଏଥିପାଇଁ ଏହା ଉପରେ ଗବେଷଣା କରିବାକୁ ସରକାର ନିଷ୍ପତି ନେଇଥିଲେ । କିନ୍ତୁ କୃଷି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବୈଜ୍ଞାନିକ ମାନେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ । କନ୍ଧମାଳ ବ୍ୟତୀତ ଆଉ କୋଣସି ଜିଲ୍ଲାରେ ଏଭଳି ଆଳୁ ଚାଷ ହେଉ ନାହିଁ । କୁହାଯାଉଛି ଯେ ଏହି ଆଳୁ ଡାଇବେଟିସ ରୋଗୀ ମାନେ ମଧ ଖାଇ ପାରିବେ । ଏଣୁ ସରକାରଙ୍କୁ ଅନୁରୋଧ ତୁରନ୍ତ କନ୍ଧମାଳ ରୁ ଉତ୍ପାଦିତ ଛୋଟ ଆଳୁ ଉପରେ ଗବେଷଣା କରାଯାଉ ଏବଂ ଜିଲ୍ଲା ର ଚାଷୀ ମାନଙ୍କୁ ଏହି ଚାଷୀ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଉ ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 30.04.2026, I, Bharati Bhakta Address: At- VIP Colony, Srivihar, Po- Srikanthapur, PS- Town, Dist- Balasore, Odisha- Pin- 756001 declare that I have changed my name from Bharati Majhi to Bharati Bhakta. Henceforth, I shall be known as Bharati Bhakta for all purposes.

Sd/-
Bharati Bhakta

**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated 07.04.2026 I, Subhashree Patra, aged about 52 years, W/o Harekrushna Patra of Village -Arakhapur, Jhinkiria, PS- Simulia, Dist. Balasore declare that my Aadhar Card and Voter Identity Card my name has been mentioned Subhashree Patra, W/o- Harekrushna Patra of Village- Jhinkiria, D/o- Purna Chandra Biswal. But my LIC of India vide Police No. 882496582 my name has been mentioned Sanjulata Patra, C/o- H.K. Patra. Subhashree Patra, D/o- Purnachandra Biswal and Sanjulata Patra, W/o- H.K. Patra of Village- Jhinkiria, Po- Arakhapur, PS- Simulia, Dist- Balasore is one and same person.

Sd/-
Subhashree Patra

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 07.01.2026, I, Sri Panchanana Badhuk, S/o- Harishchandra Badhuk resident of At/Po/Ps- Haripur, Dist- Maryurbhanj, Pin- 757103, Odisha declare that I have changed my minor daughter's name from Tapaswi Badhuk to Tanisha Badhuk. Henceforth, she shall be known as Tanisha Badhuk for all purposes.

Sd/-
Panchanana Badhuk





# ଓଡ଼ିଆ ପକ୍ଷ ପାଳନ ଅବସରରେ ପଂଚାୟତସ୍ତରୀୟ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ



କେନ୍ଦୁଝର,(ନି.ପ୍ର.): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡଡୁମୁରିଆ ପଂଚାୟତର ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ଓ ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ଅପ୍ରେଲ ୧ ତାରିଖ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଝୁମ୍ପୁରା ଗୋଷ୍ଠୀ ପ୍ରକଳ୍ପ ସଞ୍ଜଳକ ( ସ୍ୱଚ୍ଛ ଭାରତ ମିଶନ ) ସୁନ୍ଦର ମୋହନ ମହାନ୍ତ ଥିବାବେଳେ ସମ୍ମାନୀୟ ଅତିଥି ଭାବେ ବଡଡୁମୁରିଆ ସରପଂଚ ରୁଦ୍ର କୁମାର ନାଏକ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସବେରା ସରଗମ ଏକଲବ୍ୟ,ଏମ.ବି.କେର ମଧୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପଂଚାୟତର ଐତିହ୍ୟ ସ୍ଥଳୀ,ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀ ସଫା କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପ୍ରତି ଗର୍ବ ସୃଷ୍ଟି କରିବା, ପଂଚାୟତର ପ୍ରତି ଗାଁରେ ସାଂସ୍କୃତିକ ଓ ବିବିଧତାକୁ ପାଳନ କରିବା ବିଷୟରେ ଗୋଷ୍ଠୀ ପ୍ରକଳ୍ପ ସଞ୍ଜଳକ ସୁନ୍ଦର ମୋହନ ମହାନ୍ତ, ବଡଡୁମୁରିଆର ସରପଂଚ ରୁଦ୍ର କୁମାର ନାଏକ କହିଥିଲେ ।ଭାରତୀୟ ଜନତା ପାର୍ଟିର ଉଖୁଣ୍ଡା ମଣ୍ଡଳ ଉପ ସଭାପତି ବ୍ରହ୍ମାନନ୍ଦସାହୁ, ବଡଡୁମୁରିଆ ପଂଚାୟତର ପ୍ରମୁଖ ବାବୁଲା ମହାନ୍ତ,ବିଜେପିର ଉଖୁଣ୍ଡା ମଣ୍ଡଳ ଏସ.ସି. ମୋର୍ଚ୍ଚା ସଭାପତି ଗଗନ କୁମାର ପାତ୍ରଙ୍କ ସମେତ ସମସ୍ତ ବିଜେପିର କାର୍ଯ୍ୟକର୍ତା ଏବଂ ଗ୍ରାମ ବାସି ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ ।

# ଗଞ୍ଜାମ ଆଇନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ହେଲେ ଡ.ମୋନିଷା ବିଶ୍ୱାଳ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ଆମ୍ବପୁଆ ସ୍ଥିତ ଗଞ୍ଜାମ ଆଇନ୍ ମହାବିଦ୍ୟାଳୟରେ ନୂତନ ଅଧକ୍ଷା ଭାବରେ କାର୍ଯ୍ୟଭାର ଗ୍ରହଣ କଲେ ଡ଼. ମୋନିଷା ବିଶ୍ୱାଳ । ସେ ସେହି ମହାବିଦ୍ୟାଳୟରେ ଭାରତୀୟ ନ୍ୟାୟ ସଂହିତା,ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏମିତି ଅନେକ ବିଷୟ କୁ ଅଧାପିକା ଭାବରେ ପଢାଇ ଆସୁଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ କଲେଜ ଅଧାପକ ନିର୍ଦ୍ଦେଶକ, ବିଭାଗୀୟ ମୁଖ୍ୟ, ପାଠାଗାର ମୁଖ୍ୟ, ମହାବିଦ୍ୟାଳୟ



ସଭାପତି ଏବଂ କଲେଜର ସମସ୍ତ କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି ।ସେହି ମହାବିଦ୍ୟାଳୟ ରୁ ପଢି ଆଇନଜୀବୀ ହୋଇଥିବା ପୂର୍ବତନ ଛାତ୍ର ଛାତ୍ରୀ ମାନେ ମଧ ଅଧକ୍ଷା ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରି ସ୍ୱାଗତ ଜଣାଇଛନ୍ତି । ଡ଼.ବିଶ୍ୱାଳ ଜଣେ ଶାନ୍ତ ଏବଂ ଶୃଙ୍ଖଳିତ,ଛାତ୍ର ,ଛାତ୍ରୀ ବସ୍ତଳ ଅଧାପିକା ଟେ ଅଟନ୍ତି ।ଆଇନ୍ ସମ୍ବନ୍ଧୀୟ ଜ୍ଞାନ ହେଉ କିମ୍ବା ଯେ କୌଣସି ବିଷୟ କୁ ବହୁତ୍ ଭଲ ଭାବରେ ପିଲାମାନଙ୍କୁ ଶ୍ରେଣୀ କକ୍ଷରେ ପଢ଼ାନ୍ତି । ଏହି ଅବସରରେ ବିଭିନ୍ନ ବର୍ଗରୁ ଅଧକ୍ଷା ଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ସେ କହିଛନ୍ତି ଯେ ନିଜ କାର୍ଯ୍ୟକୁ ଆଗକୁ ଭଲ ଭାବରେ ପରିଚାଳିତ କରିବେ ବୋଲି ।

# ଝାରସୁଗୁଡ଼ା ଜୟହିନ୍ଦ୍ କ୍ଲବର ବନ୍ଧୁ ମିଳନ



ଝାରସୁଗୁଡ଼ା(ନି.ପ୍ର.)- ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ମଙ୍ଗଳ ବଜାର ର ୧୯୮୦ ମସିହାର ସ୍ଥାପିତ ପୁରାତନ ଜୟହିନ୍ଦ କ୍ଲବର ନୂତନ ଗୃହର ଶୁଭ ପ୍ରଦାନ ଅବସରରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସହିତ ଏକ ସଭା ଗତକାଲି ସନ୍ଧ୍ୟାରେ ସେଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ଲବର ପୁରାତନ ସଭ୍ୟ , ଫୁଟବଲ ଖେଳାଳି ସହର ର ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି ଥିଲେ । ଜୟହିନ୍ଦ କ୍ଲବ ପକ୍ଷରୁ ସଭାପତି ସୁରେଶ କୁମାର ବୁନ୍ଦିଆ କ୍ଲବର ନୂତନ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାର ଚେକ୍ କ୍ଲବର ସଂପାଦକ କାଜଲ ଗୁଆଙ୍କୁ ପ୍ରଦାନ କରି ଥିଲେ । ଜୟହିନ୍ଦ କ୍ଲବ ପକ୍ଷରୁ ପୁରାତନ ସଭ୍ୟ ଓ ଫୁଟବଲ ଖେଳାଳି ତାପସରାୟ ଚଉଧୁରୀ, ବାଲଗୋବିନ୍ଦ ମିଶ୍ର, କୁଲଦୀପ ହୋରା, ଦିନେଶ ଜଏନ, ହରିଶ ଠକର, ଜିବନ ମହାନ୍ତି, ଅଶୋକ ଗାନ୍ଧି, ସନ୍ଦିପ ଅଗସ୍ତି, ସୁରେଶ କୁମାର ଲୋକ ନାନ୍ଦିନି, ଙ୍କୁ ଉପଢୌକନ ଦେଇ ସମ୍ମାନୀତ କରା ଯାଇ ଥିଲା । ଉପସ୍ଥିତ ସଭ୍ୟମାନେ କ୍ଲବର ଗୃହ ନିର୍ମାଣ ପାଇଁ ନିଜର ଶକ୍ତି ମୁତାବକ ସାହାର୍ଯ୍ୟ କରିବେ ବୋଲି ମତାମତ ପ୍ରକାଶ କରି ଥିଲେ । ବନ୍ଧୁ ମିଳନ ସଭା କାର୍ଯ୍ୟକୁ ମନୋଜ ମିଶ୍ର ପରିଚାଳନା କରି ଥିବା ବେଳେ କ୍ଲବର ସଭ୍ୟ ରାଜୁ ଶ୍ରୀବାସ୍ତବ , ରାଧେ ସିଂ, ବସନ୍ତ ମହାନ୍ତି, ପ୍ରଭୃତି ସାହାର୍ଯ୍ୟ କରି ଥିଲେ ।

# ବୁଲା କୁକୁର ବନ୍ଧ୍ୟାକରଣ ଅଭିଯାନ: ୭୪ ଦିନରେ ୧୨୫୧ ବନ୍ଧ୍ୟାକରଣ



ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ସହ ସାଧାରଣ ଲୋକଙ୍କ ସୁରକ୍ଷା ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍ ?ସି) ପକ୍ଷରୁ ବନ୍ଧ୍ୟାକରଣ ଅଭିଯାନ ଜୋରଦାର ଭାବେ ଜାରି ରହିଛି । ମେୟର ସଂଘମିତ୍ରା ଦଳେଇଙ୍କ ତତ୍ତ୍ୱାବଧାନରେ ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ମାର୍ଚ୍ଚ ୩୧ ଯାଏଁ ୭୪ ଦିନରେ ଲକ୍ଷଣୀୟ ସଫଳତା ହାସଲ କରିଛି । ଉପଲବ୍ଧ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ଶେଷ ସୁଦ୍ଧା ସହରରେ ମୋଟ ୭୩୭ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସହ ଟିକାକରଣ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ ହୋଇଛି । ଜାନୁଆରୀରେ ୨୬୭ଟି, ଫେବୃଆରୀରେ ୪୭୦ଟି ଏବଂ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ୫୧୪ଟି କୁକୁରଙ୍କ ଅସ୍ତ୍ରୋପଚାର କରାଯାଇଛି । ଏଥିରୁ ୭୪୧ଟି ପୁରୁଷ ଓ ୫୧୦ଟି ମହିଳା କୁକୁର ଥିବା ଜଣାପଡ଼ିଛି । ବନ୍ଧ୍ୟାକରଣ ପରେ କୁକୁରମାନଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ନିରୀକ୍ଷଣରେ ରଖାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ପରେ ସେମାନଙ୍କୁ ପୁନର୍ବାର ସେମାନଙ୍କ ଅଂଚଳରେ ଛାଡ଼ାଯାଇଛି କ୍ଷ ଅଭିଯାନ ପୂର୍ବରୁ କରାଯାଇଥିବା ସର୍ଭେ ଅନୁଯାୟୀ ସହରରେ ପ୍ରାୟ ୫ ହଜାର ୩ ଶହରୁ ଉର୍ଦ୍ଧ ବୁଲା କୁକୁର ରହିଥିବା ଜଣାପଡିଥିଲା । ସମସ୍ତଙ୍କ ବନ୍ଧ୍ୟାକରଣ ପାଇଁ ଏକ ବର୍ଷର ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ, ମାତ୍ର ଅଢ଼େଇ ମାସରେ ଶତକଡ଼ା ୨୩.୪ ପ୍ରତିଶତରୁ ଅଧିକ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇପାରିଛି । ଏହି ଧାରା ଜାରି ରହିଲେ ନିର୍ଦ୍ଧାରିତ ସମୟ ସୀମାରେ ସମସ୍ତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସମ୍ଭବ ବୋଲି 'ଅଶ୍ରା' ସଂସ୍ଥାର ପ୍ରକଳ୍ପ ସଂଯୋଜକ ଅମିତ ଚୋଗଲେ ଆଶା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ସଫଳ କରିବା ପାଇଁ ସହରବାସୀଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ବିଇଏମ୍ ?ସି କମିଶନର ସୁଶ୍ରୀ ଏସ୍. ଶସ୍ୟ ରେଡ୍ଡୀ ନିବେଦନ କରିଛନ୍ତି । ସମସ୍ତ କୁକୁରଙ୍କ ବନ୍ଧ୍ୟାକରଣ ଶେଷ ହେବା ପରେ ପୁନଃ ସର୍ଭେ କରାଯିବ । ବର୍ତମାନ ଗର୍ଭବତୀ, ଅସୁସ୍ଥ କିମ୍ବା ନବଜାତ ଛୁଆ ଥିବା କୁକୁରମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦିଆଯାଇଥିବାରୁ ପରବର୍ତୀ ପର୍ଯ୍ୟାୟରେ ସେମାନଙ୍କୁ ସମ୍ମିଳିତ କରାଯିବ ।ଯାଂଚ ସମୟରେ କମିଟିର ଅଧକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବ୍ରହ୍ମପୁର (ନି.ପ୍ର.): - ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଆଜି ଗଞ୍ଜାମ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୧୦୯ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୯୮ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା । ରେଡକ୍ରସ ପାଣ୍ଠିରୁ ୧୦ ଜଣଙ୍କୁ ସହାୟତା ରାଶି ବାବଦରେ ୬୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତି ୱାସନ୍ , ଆରକ୍ଷୀ ଅଧିକ୍ଷକ ଡ଼ା ସର୍ବଣା ବିବେକ ଏମ୍ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା , ବ୍ରହ୍ମପୁର ମହାନଗର ନିଗମ କମିଶନର ଏ ସସ୍ୟ ରେଡ୍ଡୀ , ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା କ୍ଷ ଜନଶୁଣାଣିରେ ମୁଖ୍ୟତଃ ମଧୁବାବୁ ପେନସନ, ପିଏମ ଆବାସ ଓ ଅନ୍ତୋର୍ଦୟ ଗୃହ ଯୋଜନାରେ ଗୃହ ବଂଟନ,ରାସନ କାର୍ଡ,ଜମିଜମା ,ଶିକ୍ଷା , ସ୍ୱାସ୍ଥ୍ୟ ,ଚିକିତ୍ସା ସହାୟତା ଆଦିର ଦରଖାସ୍ତ ହସ୍ତଗତ ହୋଇଥିଲା । ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଉପଜିଲ୍ଲାପାଳ କାର୍ଯ୍ୟାଳୟର ଆସିଷ୍ଟାଂଟ କଲେକ୍ଟର ଶ୍ରୀମତୀ ଶୁଭଶ୍ରୀ ମିଶ୍ର ଓ କର୍ମଚାରୀ ଉପସ୍ଥିତ ରହି ଜନଶୁଣାଣୀ ପରିଚାଳନାରେ ସହଯୋଗ କରିଥିଲେ ।

# ଆର ଏସ୍ ଇ ଡବ୍ଲ୍ୟୁ ସି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ନିଖୋଜ

ରାୟଗଡ଼ା(ନି.ପ୍ର) ଆଦିବାସି ବହୁଳ ରାୟଗଡ଼ା ଜିଲ୍ଲାରେ ସେବାଶ୍ରମ ଗୁଡିକରେ ଅନେକ ବ୍ୟତିକ୍ରମ ଦେଖାଯିବ ସହ ଅନେକ ଘଟଣା ଓ ଅଘଟଣ ଘଟୁଛି କିନ୍ତୁ ଏହାକୁ ଦେଖି ନଦେଖି ରହିବ ଭଳି ସ୍ଥିତିରେ ପ୍ରସାଶନ ଚୁପି ସାଧୁଥିବା ବେଳେ ଦାୟିତ୍ୱ ହିନତାର ପରିଚୟ ସୃଷ୍ଟି କରୁଥିବା ଏବେ ଜିଲ୍ଲାରେ ଚର୍ଚ୍ଚା । ସେହିଭଳି ଗୋଟିଏ ଘଟଣା ଆଜି ଲୋକଲୋଚନକୁ ଆସିଥିବା ବେଳେ ଘଟଣାଟି ଘଟିଛି ରାୟଗଡା ସହରର ଆମ୍ବାଗୁଡା ଠାରେ ଥିବା ଆରଏସ୍ଇସି ଉଚ୍ଚ ବିଦ୍ୟାଳୟରେ । ସୂଚନା ମୁତାବକ ଉକ୍ତ ସେବାଶ୍ରମ ବିଦ୍ୟାଳୟର ଦଶମ ଶ୍ରେଣୀର ପଢୁଥିବା ଜଣେ ଛାତ୍ର ଗତ ୧୪ଦିନ ହେବ ହଷ୍ଟେଲ୍ ରୁ ନିଖୋଜ ହୋଇଯାଇଛି । ଖୋଜ ଖବର ପରେ ମଧ ପରିବାର ଲୋକେ ନିଜ ପୁଅକୁ ନପାଇବାରୁ ଘଟଣା ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସାକ୍ଷାତ କରିଛନ୍ତି । ରାୟଗଡା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ ମଇଲିଗୁଡା ଗ୍ରାମର ସାଲୁ ମାଝୀଙ୍କ ପୁଅ ପ୍ରକାଶ ମାଝୀ ଗତ ୨୭ ତାରିଖରୁ ନିଖୋଜ ହୋଇଯାଇଛି । ଏହି ବିଦ୍ୟାଳୟରେ ନିଖୋଜ ପ୍ରକାଶ ମାଝୀ ୧୦ ଶ୍ରେଣୀରେ



ହଷ୍ଟେଲ୍ ରେ ପାଠପଢୁଥିଲା । ଗତ ମାସ ୨୭ ତାରିଖ ଦିନ ବିଦ୍ୟାଳୟ ପକ୍ଷରୁ ଅବିଭାବକ ବୈଠକ ଅଛି ବୋଲି ସମସ୍ତ ଅବିଭାବକଙ୍କୁ ଫୋନ୍ ଓ ଡାକ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା । ହେଲେ ଉକ୍ତ ଦିନ ପ୍ରକାଶ କିମ୍ବା ତାଙ୍କ ପରିବାର ଲୋକେ ବୈଠକକୁ ଆସିନଥିଲେ । ତେବେ ହଷ୍ଟେଲ୍ ର ୱାର୍ଡେନଙ୍କୁ ଘରକୁ ଯାଉଛି ବୋଲି ମୌଖିକ ଭାବେ କହି ପ୍ରକାଶ ଚାଲିଯାଇଥିଲା । ତେବେ ଦୀର୍ଘ ଦିନ ହେବ ପୁଅ ଘରକୁ ନଆସିବାରୁ ତାଙ୍କ ବାପା ସାଲୁ ମାଝୀ ପୁଅର ଖୋଜଖବର ନେଇ ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁତିଭୂଷଣ ରଥଙ୍କୁ ସାକ୍ଷାତ କରି ପୁଅ ଘରେ ନ ପହଂଚିବା ନେଇ ଜଣାଇଛନ୍ତି । ତେବେ ଅଭିଯୋଗ ଆସିବା ପରେ ବିଦ୍ୟାଳୟ କର୍ତୃପକ୍ଷ ଖୋଜାଖୋଜି ଆରମ୍ଭ କରିଛନ୍ତି । ଏନେଇ ପରିବାର କିମ୍ବା ବିଦ୍ୟାଳୟ କର୍ତୃପକ୍ଷଙ୍କ ତରଫରୁ ଥାନାରେ ଏତଲା ଦିଆଯାଇନଥିବା ବେଳେ ପ୍ରଧାନଶିକ୍ଷକ କ୍ୟାମେରା ଆଗରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ରାୟଗଡ଼ା ଜିଲ୍ଲାରେ ସେବାଶ୍ରମ ଗୁଡିକରେ ଏଭଳି ଅନେକ ଘଟଣା ଘଟୁଥିଲେ ସୁଦ୍ଧା ମଙ୍ଗଳ୍ ବିଭାଗର ଦାୟିତ୍ୱ କଣ ରହିଛି ଓ ସେ ନେଇ ବିଭାଗୀୟ ଅଧିକାରୀ ତଥା କର୍ତୃପକ୍ଷ କଣ କରୁଛନ୍ତି ସେ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ପର୍ଯ୍ୟଟନ ସ୍ଥଳୀ ରେ ମଦ କୁଡ଼ିଆ ଖୋଲା ଯିବାକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମନା)ର ଦାବି ପତ୍ର

ଜଳେଶ୍ୱର, (ନି.ପ୍ର )/ ସୋମବାର ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମନା)ଜଳେଶ୍ୱର ଶାଖା ର ସଭାପତି ଦିଲ୍ଲୀପ କୁମାର ଗିରି ସଭାପତିତ୍ୱ ରେ . ଜଳେଶ୍ୱର ମୁନସୀ ପାଲିଟି ର ସଭାପତି କମଳ ଚକ୍ରବର୍ତୀ ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସଭା ସଂଚାଳନ କରିଥିଲେ । ବକ୍ତବ୍ୟରେ କହିଥିଲେ ନିକଟରେ ସରକାର ଘୋଷଣା କରିଛନ୍ତି ପର୍ଯ୍ୟଟନସ୍ଥଳୀ ରେ ମଦ କୁଡ଼ିଆ ଖୋଲା ଯିବା ପାଇଁ । ଏହି ଘୋଷଣା କୁ ବିରୋଧ ତଥା ପ୍ରତ୍ୟାହାର ପାଇଁ ବକ୍ତବ୍ୟ ରଖିଥିଲେ । ପୂର୍ବତନ ଅଧକ୍ଷ ଶ୍ୟାମା ଚରଣ ଦାସ, ଶରତଚନ୍ଦ୍ର ପରିଡା, ପୂର୍ଣ୍ଣଚନ୍ଦ୍ର ପରିଡା, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ଉତର ଓଡ଼ିଶା ସଂଯୋଜକ ସୁକୁମାର ରଣା, ବରିଷ୍ଠ ନାଗରିକ ପରିଷଦ, ଜଳେଶ୍ୱର ର ସଭାପତି ଲଳିତ ରଂଜନ ସେନାପତି, ସମାଜସେବୀ ସିତାଂସୁ ଶେଖର ସେନାପତି, ସୁନୀଲ କୁମାର ନାୟକ,ସମରେଶ ଦିନ୍ଦା,ସବିତା ଭୂୟାଁ,ଗୌରୀ ଶଙ୍କର ମହାନ୍ତି, ଅଜିତ କୁମାର ପାଳ,ଜ୍ୟୋତିଷ ଚନ୍ଦ୍ର କର, କୃଷି ବୈଜ୍ଞାନିକ ଡଃ ବିଜୟ କୁମାର ମିଶ୍ର, ନିତ୍ୟାନନ୍ଦ ଗିରି,ସୁରତୋଷ ରଥ, ପ୍ରବୀର କୁମାର କୁଇଲା, ଅନୀଲ୍ କୁମାର ଚାନ୍ଦ,ମନୋରଞ୍ଜନ ଦାସ,ଅଶୋକ କୁମାର ଦାସ, ଭାସ୍କର ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ପାତ୍ର,ଉକ୍ତ ପଥପ୍ରାନ୍ତ ସଭାରେ ଆପତୋଷ ପାଳ, ସବିତା ଭୂୟାଁ, ସୂର୍ଯ୍ୟ କୁମାର ମିଶ୍ର,ବିଜୁ କୁମାର ଦଳେଇ, ନିତ୍ୟ ନାୟକ ଦାସ, ବଂଶୀ କୁମାର ଘଡ଼େଇ ପ୍ରଭୃତିଓଡିଶା ଏକ ଖଣି, ଉର୍ବର ମୃତ୍ତିକା ବିସ୍ତୀର୍ଣ୍ଣ ଜଙ୍ଗଲ ଇତ୍ୟାଦି ପ୍ରାକୃତିକ ସମ୍ପଦ ରେ ପରିପୂର୍ଣ୍ଣ ଅଟେ ।ଏଠାରେ ଜନସଂଖ୍ୟାର ଏକ ଗରିଷ୍ଠ ଭାଗ ଆଦିବାସୀ ତଥା ଗରିବ ସମ୍ପ୍ରଦାୟର ଅଟନ୍ତି ।ଏଠାରେ ଅଧିକାଂଶ ଲୋକ ଚିରାଚରିତ ନିଶାସକ୍ତ ଅବସ୍ଥା ରେ କୌଣସି ନା କୌଣସି ଅସାମାଜିକ କାର୍ଯ୍ୟା ଏବଂ ଶ୍ରମଶକ୍ତି ର ଅପଚୟ କରିଥାନ୍ତି ?ଏହାଦ୍ୱାରା ଓଡିଶା ଜନସାଧାରଣ ଭାରତବର୍ଷର ଅନ୍ୟରାଜ୍ୟ ତୁଳନାରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇ ରହିଛନ୍ତି ।ବିହାର, ଗୁଜୁରାଟ,ମିଜୋରାମ୍, ନାଗାଲାଣ୍ଡ ଏବଂ ଲାକ୍ଷାଦିପ ଭଳି ଭାରତବର୍ଷ ଅନ୍ୟ ରାଜ୍ୟ ତୁଳନା ରେ ବିପୁଳ ପରିମାଣର ରାଜସ୍ୱ କ୍ଷତି ତଥାପି ନିଶାକୁ ବେଆଇନ ଘୋଷଣା କରିଛନ୍ତି ।ଏହି ପରିପ୍ରେକ୍ଷୀରେ ନିକଟରେ ଆପଣଙ୍କ ସରକାର ସମସ୍ତଙ୍କ ପର୍ଯଟନସ୍ଥଳି ଯଥା ସମୁଦ୍ର , ନଦୀ,ହ୍ରଦଓ ବିଭିନ୍ନ ଜଳାଶୟ ପାଖରେ ମଦ କୁଡିଆ ଖୋଲିବା ପାଇଁ ନିଷ୍ପତି ଦେଇଛନ୍ତି ପର୍ଯଟନସ୍ଥଳି କୁ ଜନସାଧାରଣ ପରିବାର ସହ କିଛି ସମୟ ବିତାଇବା ପାଇଁ ଯାଇଥାନ୍ତି ।ମଦ ଦୋକାନ ଖୋଲିଲେ ଆଇନଶୃଙ୍ଖଳା ବ୍ୟାହତ ହେବା ସହିତ ଚୋରି,ଡକାୟତି,ଦୁଷ୍କର୍ମ ପ୍ରଭୃତି ବଢି ଚାଲିବ ।ରାଜସ୍ୱ ଆଦାୟ ନାମରେ ଅପଣଙ୍କ ସରକାର କଣ ଭ୍ରାମ୍ୟମାଣ ଗାଡିରେ ମଦ ବିକ୍ରି କରିପାରିବେ ?ଆପଣଙ୍କ ସରକାର ୨୦୨୯ସୁଦ୍ଧା ମଦ ବିକ୍ରିକୁ ନିଷିଦ୍ଧ କରିବା ପାଇଁ ରାଜ୍ୟ ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।ଏହି ପ୍ରତିଶ୍ରୁତି ଆଜି ପ୍ରତାରଣା ରେ ପରିବର୍ତନ ନ ହେଉ ।ଏଣୁ ଆମେ ନିବେଦନ କରୁଛୁ ତୁରନ୍ତ ପର୍ଯଟନ ସ୍ଥଳି ରେ ମଦମକୁଡିଆ ଖୋଲିବା ନିଷ୍ପତି କୁ ପ୍ରତ୍ୟାହାର କରନ୍ତୁ ନଚେତ ଆମେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁବାଧ ହେବୁ । ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟ ରବିନ୍ଦ୍ରନାଥ ବାରିକ ।

# ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା(ନି.ପ୍ର.)- ଆଜି ସ୍ଥାନୀୟ ବାଇପାସ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ପାର୍ଟୀ ର ୪୭ତମ ପ୍ରତିଷ୍ଠା ଦିବସ ସମାରୋହ ରେ ପାଳିତ ହୋଇଯାଇଛି । ପ୍ରଥମେ ଜ୍ଜିଲ୍ଲା ସଭାପତି



ଶ୍ରୀ ରଘୁନନ୍ଦନ ପଣ୍ଡା ଦଳୀୟ ପତାକା ଉତୋଳନ କରିଥିଲେ ପରେ ଏକ ସଭା ରେ ଦଳ ର ପ୍ରତିଷ୍ଠାତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟ , ଶ୍ୟାମାପ୍ରସାଦ ମୁଖାର୍ଜୀ, ସ୍ରଧେୟ ଅଟଳ ବିହାରୀ କଂର ସ୍ମୃତିଚାରଣ କରାଯାଇ ଥିଲା । ଉକ୍ତ କାର୍ଯକ୍ରମ ରେ ପୂର୍ବତନ ଜ୍ଜିଲ୍ଲା ସଭାପତି ପ୍ରମୋଦ ସେନାପତି , ସୁନୀଲ ପଣ୍ଡା , ଦଳ ର ବର୍ତମାନ ସାଧାରଣ ସମ୍ପାଦକ ନବଲ ଅଗ୍ରୱାଲ , ପ୍ରଚଣ୍ଡ ଯୈସ୍ୱଲ, ଉପସଭାପତି ଅମରେନ୍ଦ୍ର ରାଏ,ଚକାନନ୍ଦ ସେ , ରୀନା ପଟେଲ ,ଦିଲ୍ଲୀପ ଶାକୁଣିଆ, ମହେନ୍ଦ୍ର କେଡ଼ିଆ ଇତ୍ୟାଦି ଉପସ୍ଥିତ ଥିଲେ ।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ

ନୀଳଗିରି (ନି.ପ୍ର.) ନୀଳଗିରି ବ୍ଲକ୍ ଜାମୁଡିହା ପଂଚାୟତ ବାଘମରା ଗାଁ ତଳସାହିରେ ରବିବାର ଅପରାହ୍ନ ପ୍ରାୟ ୨.୩୦ସମୟରେ ବିଦ୍ୟୁତ୍ ସର୍ଟସର୍କିଟ କାରଣରୁ ଲାଗିଥିବା ନିଆଁରେ ୭ବଖରା ଘର ସଂପୂର୍ଣ୍ଣ ଜଳିପୋଡ଼ି ଭସ୍ମ ହୋଇଯାଇଥିଲା । ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଆର.ଆଇ ସର୍ଜମିନ୍ ତଦନ୍ତକରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପଲିଥିନ ସହିତ ଶୁଖିଲାଖାଦ୍ୟ



ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ମଧ ତିନିଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରିଥିଲେ । ସୂଚନାପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଅଗ୍ନିବିପନ୍ନ ପରିବାରଙ୍କୁ ଭେଟିବାସହିତ ସାହାଯ୍ୟର ହାତବଢ଼ାଇ ଥିଲେ । ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି କିପରି ପ୍ରତି ପରିବାର ୧ଲକ୍ଷ ଟଙ୍କାର ନିଶ୍ଚିତ ଅନୁଦାନ ପାଇବେ ସେଥିପ୍ରତି ଦୃଷ୍ଟିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ସ୍ଥାନୀୟ ଜନସାଧାରଣ ଏହି ଆଦିବାସୀ ବିପନ୍ନ ପରିବାରଙ୍କୁ ଅକୁଣ୍ଠ ସାହାଯ୍ୟ କରିବାକୁ ନିବେଦନ କରିଥିଲେ ।

# ଝାରସୁଗୁଡ଼ାରେ ୨ୟ ଅଲ୍ ଇଣ୍ଡିଆ ବେଦାନ୍ତ ଓପେନ୍ ନ୍ୟାସନାଲ୍ କରାଟେ ଚ୍ୟାମ୍ପିୟନଶିପ୍ ଆୟୋଜିତ




ଝାରସୁଗୁଡା(ନି.ପ୍ର.) ସ୍ପୋର୍ଟସ୍ କମ୍ପ୍ଲେକ୍ସ ଅଡିଟୋରିୟମ୍ ?ରେ ୪ ଓ ୫ ଏପ୍ରିଲ୍ ତାରିଖରେ "୨ୟ ଅଲ୍ ଇଣ୍ଡିଆ ବେଦାନ୍ତ ଓପେନ୍ ନ୍ୟାସନାଲ୍ କାରାଟେ ଚ୍ୟାମ୍ପିୟନଶିପ୍ ସଫଳତାର ସହ ଆୟୋଜିତ ହୋଇଯାଇଛି । ବେଦାନ୍ତା ମାର୍ଶାଲ୍ ଆର୍ଟସ୍ ଟ୍ରେନିଂ ସେଂଟର୍ ପକ୍ଷରୁ ନ୍ୟାସନାଲ୍ କାରାଟେ ଫାଉଣ୍ଡେସନ୍ ସହ ଯୁଗଳ ସହଯୋଗରେ ଆୟୋଜିତ ଏହି ଚ୍ୟାମ୍ପିୟନଶିପ୍ ?ରେ ଆସାମ, ବିହାର, ଝାରଖଣ୍ଡ, ଓଡ଼ିଶା, ଛତିଶଗଡ଼, ଉତର ପ୍ରଦେଶ ଓ ମହାରାଷ୍ଟ୍ର ସହ ବିଭିନ୍ନ ରାଜ୍ୟରୁ ୩୦୦ରୁ ଅଧିକ କ୍ରୀଡ଼ାଳୁ ଅଂଶଗ୍ରହଣ କରି ତାଙ୍କର ଦୃଢ଼ ପ୍ରଶିକ୍ଷଣ, ଶିଷ୍ଟାଚାର ଓ କୌଶଳର ଅଦ୍ଭୁତ ପ୍ରଦର୍ଶନ କରିଥିଲେ । ପ୍ରତ୍ୟେକ ମ୍ୟାଚ୍ ?ରେ ଦେଖିବାକୁ ମିଳିଥିଲା ଉତ୍ସାହ, ଆତ୍ମବିଶ୍ୱାସ ଓ ଜିତିବାର ଅଦମ୍ୟ ଇଚ୍ଛାଶକ୍ତି ।ଉଦ୍ଘାଟନୀ ଅବସରରେ ବେଦାନ୍ତର ଚିଫ୍ ସେକ୍ରେଟାରୀ ଓମ୍ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ମାଧ୍ୟମରେ ଯୁବପିଢ଼ୀର ଶାରୀରିକ ସୁସ୍ଥତା, ମାନସିକ ସମତୋଳନ ଓ ନୈତିକ ମୂଲ୍ୟବୋଧର ବିକାଶ ବିଷୟରେ ଉତ୍ସାହବର୍ଦ୍ଧକ ମତ ପ୍ରକାଶ କରିଥିଲେ ।ସମାପନୀ ଅବସରରେ ବେଦାନ୍ତ ଆଲୁମିନିଅମ୍ ସେକ୍ଟରର ସିଏସଆର୍ ହେଡ୍ ହରମିତ ସେହରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଗେଷ୍ଟ ଅଫ୍ ହନର୍ ଭାବେ ବିଦ୍ୟା ବିକାଶ ଇଂଟରନ୍ୟାସନାଲ୍ ସ୍କୁଲ୍ ?ର ପ୍ରିନ୍ସିପାଲ୍ ସୁଭୋଜିତ ଘୋଷ, ଡା. ପ୍ରକାଶ ଚନ୍ଦ୍ର ରାଣା, ନ୍ୟାସନାଲ୍ କାରାଟେ ଫାଉଣ୍ଡେସନ୍ ?ର ସାଧାରଣ ସଚିବ ବିଶ୍ୱଲୋଚନ ଭୋଇ ଓ ସେଂଟ୍ ଜୋସେଫ୍ ସ୍କୁଲ୍ ?ର ପ୍ରିନ୍ସିପାଲ୍ ପୁଷ୍ପିକା ଚୀନାନ୍ ଉପସ୍ଥିତ ଥିଲେ । ଶିହାନ୍ ସୁଶାନ୍ତ ଗୁପ୍ତାଙ୍କ ଦୃଢ଼ ପରିଚାଳନାରେ ସମଗ୍ର କାର୍ଯକ୍ରମ ଶୃଙ୍ଖଳାବଦ୍ଧ ଭାବରେ ସଫଳତାର ସହ ସମାପ୍ତ ହୋଇଥିଲା ।

# ଏସିଏଫଙ୍କ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଧାରଣା ଏସଡିପିଓଙ୍କ ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ

ନୀଳଗିରି (ନି.ପ୍ର.) କୁଳଡିହା ଭାରାପ୍ରାପ୍ତ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ଗତ ମାର୍ଚ୍ଚ ୨୫ତାରିଖ ରାତ୍ରୀରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ସାଥିଙ୍କୁ ନିର୍ମମଭାବରେ ମାଡମାରି ସଂଜ୍ଞାହୀନ କରିବା ଏବଂ ଫରେଷ୍ଟଗାର୍ଡଙ୍କ ହାତଭାଙ୍ଗିବା ଘଟଣାରେ ପୋଲିସରେ ଅଭିଯୋଗ ହୋଇଥିଲେ ମଧ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧହୋଇ ଗାର୍ଡଙ୍କ ସ୍ତ୍ରୀ ଦୀପ୍ତିମୟୀ ଏବଂ ପରିବାର, ବନ୍ଧୁବାନ୍ଧବ, ପୂର୍ବତନ ବିଧାୟକ ଚିତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର



ନାୟକଙ୍କ ସମେତ ନୀଳଗିରି ଅଂଚଳର ବହୁ ବୁଦ୍ଧିଜୀବୀ ଆଜି ୧୧ଟା ସମୟରେ ନୀଳଗିରି ଏସଡିପିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଧାରଣା ଜାରିରହିଥିବା ବେଳେ ନୀଳଗିରି ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଧାରଣାସ୍ଥଳକୁ ଆସି ଧାରଣାରତଙ୍କ ସହିତ ଆଲୋଚନା କରିବାସହିତ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ନିସ୍ୱାର୍ଥ ସେବା ଓ କରୁଣାର ବାର୍ତ୍ତା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଷ୍କାମ ସେବା, କରୁଣା ଏବଂ ମାନବତାର ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ ଏକ ସଂସ୍କୃତ ସୁଭାଷିତ ସେୟାର କରିଛନ୍ତି । ସେ କହିଛନ୍ତି ଯେ, ନିଷ୍କାମ ଭାବରେ କରାଯାଇଥିବା କାମ ହିଁ ସତ୍ୟ ମାନବତାର ପରିଚୟ, ଯାହା କେବଳ ବ୍ୟକ୍ତିଙ୍କୁ ଆତ୍ମିକ ସନ୍ତୋଷ ଦେଇନଥାଏ, ବରଂ ସମାଜର କଲ୍ୟାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ । ପ୍ରଧାନମନ୍ତ୍ରୀ ଆଜି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ, କୌଣସି ସ୍ୱାର୍ଥ ବିନା କରାଯାଇଥିବା କର୍ମ ମନରେ ଖୁସି ଆଣେ ଏବଂ ସମାଜକୁ ମଧ୍ୟ ଉତମ କରେ । ସେ ଏକ ସୁଭାଷିତ ମଧ୍ୟ ସେୟାର କରିଛନ୍ତି—"ଅଦ୍ରୋହଃ ସର୍ବଭୂତେଷୁ କର୍ମଣା ମନସା ଗିରା । ଅନୁଗ୍ରହଶ୍ଚ ଦାନଂ ଚ ଶୀଳମେତତ୍ ପ୍ରଶସ୍ୟତେ" ଏହି ସୁଭାଷିତର ଅର୍ଥ ହେଉଛି— ସମସ୍ତ ପ୍ରାଣୀଙ୍କ ପ୍ରତି ମନ, କଥା ଏବଂ କର୍ମରେ କୌଣସି ଦ୍ୱେଷ ନ ରଖିବା, ସମସ୍ତଙ୍କ ପ୍ରତି ଦୟା ଓ ଅନୁଗ୍ରହ ଭାବ ରଖିବା ଏବଂ ଦାନଶୀଳ ହେବା—ଏହି ଗୁଣଗୁଡିକୁ ସର୍ବୋତମ ଆଚରଣ ବୋଲି ଧରାଯାଏ ।



କାଶୀପୁର ବ୍ଲକରେ ଦଶମ୍ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଟପ୍ପର ହୋଇଥିବା ସୁନୟନା ଦାଶଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ସହ ତାଙ୍କର ଆଗାମୀ ଭବିଷ୍ୟତ ଉଜ୍ଜଳ କାମନା କରୁଛି ।

ଅମିତ କୁମାର ନାୟକ(ରାଜ୍ୟ ସମ୍ପାଦକ)
ଉତ୍କଳ ଯାଦବ ମହାସଂଘ








## ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ଯୋଗ ଦେଇଛନ୍ତି । ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଛନ୍ତି । 'ପୂର୍ବୋଦୟ' ପରିକଳ୍ପନାର ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି । ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି । ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ । ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ । ଓଡ଼ିଶା ଏହି ପରିବର୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ନୂଆଦିଲ୍ଲୀରେ ସ୍କୁଲ ମ୍ୟାନେଜମେଂଟ କମିଟି ଗାଇଡ୍‌ଲାଇନର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର : 'ସ୍କୁଲ ମ୍ୟାନେଜମେଂଟ କର୍ମିଟି'(ଏସଏମର୍ସି) ଗାଇଡଲାଇନ ଶିକ୍ଷକ ଶିକ୍ଷୟିତ୍ରୀ,, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବ । ଏହି ନୂତନ ଗାଇଡ୍‌ଲାଇନ୍ ବିଦ୍ୟାଳୟ ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ସହ ଏକ ସୁସ୍ଥ ଶିକ୍ଷାଦାନ ପରିବେଶ ଗଠନରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ସ୍କୁଲ ମ୍ୟାନେଜମେଂଟ କମିଟି-୨୦୨୬'ର ନୂତନ ମାର୍ଗଦର୍ଶିକା ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାର୍ଗଦର୍ଶିକାଗୁଡ଼ିକ ବିଦ୍ୟାଳୟ, ପରିବାର ଏବଂ ସମାଜ ମଧ୍ୟରେ ଏକ ସଶକ୍ତ ଭାବନାତ୍ମକ ଏବଂ ସାମାଜିକ ସହଭାଗିତାକୁ ପ୍ରାତିଷ୍ଠାନିକ ରୂପ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଆମେ ସମସ୍ତେ ବିଦ୍ୟାଳୟର ସାମଗ୍ରିକ ବିକାଶ, ଅନୁଶାସନ ଏବଂ ଗୁଣାତ୍ମକ ଶିକ୍ଷାର



ତଦାରଖ ପାଇଁ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ନୂତନ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୃତୀୟ ଶ୍ରେଣୀରୁ କମ୍ପ୍ୟୁଟେସିଓନାଲ ଥିଙ୍କିଂ ଏବଂ ଏଆଇ ଆଧାରିତ ଶିକ୍ଷାର ଶୁଭାରମ୍ଭ କରାଯାଇଛି । ସମଗ୍ର ଶିକ୍ଷା ଅଭିଯାନ, ପିଏମ୍ ଶ୍ରୀ, ପିଏମ୍ ପୋଷଣ, ଅଟଳ ଟିଙ୍କରିଂ ଲ୍ୟାବ୍ ଏବଂ 'ଉଲ୍ଲାସ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତନ ହେଉଛି । ଡିଜିଟାଲ ସ୍ୱାକ୍ଷରତାରେ ସୁଧାର, ଡ୍ରପ୍-ଆଉଟ୍ ହାରରେ ନିରନ୍ତର ହ୍ରାସ ଏବଂ ଛାତ୍ରୀମାନଙ୍କ ପାଇଁ, ବିଶେଷ କରି ଷ୍ଟେମ ଶିକ୍ଷା କ୍ଷେତ୍ରରେ ସୁଯୋଗର ସମ୍ପ୍ରସାରଣ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସର ପଦକ୍ଷେପ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେତେବେଳେ ବିଦ୍ୟାଳୟ ଏବଂ ସମାଜ ପାରସ୍ପରିକ ବିଶ୍ୱାସ ଏବଂ ମିଳିତ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରନ୍ତି, ସେତେବେଳେ ଶିକ୍ଷା ଏକ ସାମଗ୍ରିକ ସାମାଜିକ ପ୍ରକ୍ରିୟାରେ ପରିଣତ ହୋଇଥାଏ, ଯେଉଁ ପ୍ରକ୍ରିୟା ପରବର୍ତୀ ସମୟରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ସ୍ଥାପନ କରିଥାଏ । ବର୍ତମାନ ସମାଜରେ ସମ୍ପନ୍ନତା ବୃଦ୍ଧି ପାଇବା ସହ ଆମର ଦାୟିତ୍ୱ ମଧ୍ୟ ବୃଦ୍ଧି ପାଉଛି । ଘରେ ପର୍ବପର୍ବାଣୀ ପାଳନ କଲା ଭଳି ଆମେ ଅଙ୍ଗନବାଡ଼ି ଓ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିଯୁକ୍ତ ଆହାର ପ୍ରଦାନ କରିବା ଏବଂ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆମର ପ୍ରାଥମିକତା ହେବା ଉଚିତ । ସେହିପରି ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଦରକାର ।

## ଲକ୍ଷ୍ନୌ ଫ୍ରୁଟ୍ ହରାଇଜନ୍‌ରେ ଯୋଗଦେବେ ଶିବରାଜ ସିଂ ଚୌହାନ



ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ(ଆଇଡି୧)ରେ ଉତର ପ୍ରଦେଶର ଲକ୍ଷ୍ନୌ ଗସ୍ତ କରିବେ । ଏହି ସମୟରେ ଶିବରାଜ ଚୌହାନ 'ଫ୍ରୁଟ ହରାଇଜନ୍' ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଦେଶରେ ଫଳ ଉତ୍ପାଦନ, ଗୁଣବତା, ପ୍ରକ୍ରିୟାକରଣ ଏବଂ ରପ୍ତାନୀକୁ ପ୍ରୋତ୍ସାହନ ଦେବା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି କୃଷକ, ବୈଜ୍ଞାନିକ, ରପ୍ତାନିକାରୀ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ଗୋଟିଏ ମଂଚରେ ଆଣି ଫଳ କ୍ଷେତ୍ରକୁ ଏକ ନୂତନ ଦିଗ ଦେବା । ଲକ୍ଷ୍ନୌରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ରପ୍ତାନିକାରୀ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହ ସିଧାସଳଖ ଆଲୋଚନା କରିବେ । ଶିବରାଜ ସିଂହ ପ୍ରଗତିଶୀଳ ରପ୍ତାନିକାରୀଙ୍କ ସହ ଏକ ବୈଠକ କରିବା ସହିତ ରପ୍ତାନିକାରୀ, ନିର୍ଦ୍ଦେଶକ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିବେ । ଫଳ ରପ୍ତାନୀ ବୃଦ୍ଧି, ବଜାରର ଆହ୍ୱାନଗୁଡ଼ିକୁ ବୁଝିବା ଏବଂ ଉନ୍ନତ ରଣନୀତି ପ୍ରସ୍ତୁତ କରିବା ଭଳି ପ୍ରସଙ୍ଗ ଉପରେ ଏହି ଆଲୋଚନାରେ ଆଲୋଚନା ହେବ । ଏହା ଦେଶର ଫଳ ବ୍ୟବସାୟକୁ ସୁଦୃଢ଼ କରିବାରେ ସହାୟକ ହେବ ଏବଂ କୃଷକମାନଙ୍କୁ ଉନ୍ନତ ସୁଯୋଗ ପ୍ରଦାନ କରିବ ।

## ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ରଘୁରାଜପୁରଠାରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆଦିଲ୍ଲୀ : ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ତରଫରୁ ପୁରୀ ଜିଲ୍ଲାର ଐତିହ୍ୟ ଗ୍ରାମ ରଘୁରାଜପୁରଠାରେ ଏକ ସ୍ୱତନ୍ତ୍ର ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶେଷ ଭାବରେ କୃଷକ, ବରିଷ୍ଠ ନାଗରିକ ଏବଂ ଶିଳ୍ପୀମାନଙ୍କୁ ବ୍ୟାଙ୍କିଙ୍ଗ ସେବା ଓ ଆର୍ଥିକ ସୁରକ୍ଷା ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣ ରଖିଥିଲେ । ସେ ଉପସ୍ଥିତ କୃଷକ ଓ ଶିଳ୍ପୀମାନଙ୍କୁ ବର୍ତମାନ ସମୟରେ ବଢୁଥିବା ସାଇବର ଠକେଇର ବିଭିନ୍ନ କୌଶଳ ବିଷୟରେ ସତର୍କ କରାଇବା ସହ ସୁରକ୍ଷିତ ଆର୍ଥିକ କାରବାର ପାଇଁ ପ୍ରୋତ୍ସାହିତ କରିଥିଲେ । ଏହା ସହିତ ଗ୍ରାହକମାନଙ୍କୁ ସଠିକ୍ ସହଯୋଗ ପ୍ରଦାନ କରି ବ୍ୟାଙ୍କିଙ୍ଗ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ସେ ସେଠାରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆରବିଆଇର ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟ୍ଟନାୟକ କହିଥିଲେ ଯେ, ଆର୍ଥିକ ସାକ୍ଷରତାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଂଚାଇବା ପାଇଁ ରିଜର୍ଭ ବ୍ୟାଙ୍କ ନିରନ୍ତର ପ୍ରୟାସ ଜାରି ରଖିଛି ।

## ବେଙ୍ଗାଲୁରରେ ଖେଳାଯିବନି ଆଇପିଏଲ ଫାଇନାଲ



ନୂଆଦିଲ୍ଲୀ: ଆଇପିଏଲ ୨୦୨୬ର ଫାଇନାଲ ମ୍ୟାଚ ବେଙ୍ଗାଲୁରର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବନି । ପ୍ରାୟତଃ ଆଇପିଏଲ ଚାମ୍ପିୟନ ଟିମର ହୋମଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ ଖେଳାଯାଏ । ଏଥର ଏଥିରେ ବ୍ୟତୀକ୍ରମ ହେବ । ଫାଇନାଲ ମ୍ୟାଚ ବେଙ୍ଗାଲୁର ବଦଳରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ । ପ୍ଲେ ଅଫ ମୁକାବିଲା ପାଇଁ ମଧ୍ୟ ଭେନ୍ୟୁ ଚୂଡାନ୍ତ ହୋଇଛି । ଅହମ୍ମଦାବାଦ, ଧର୍ମଶାଳା ଓ ନ୍ୟୁ ଚଣ୍ଡୀଗଡରେ ଏହା ଖେଳାଯିବ । ବେଙ୍ଗାଲୁରରେ ଫାଇନାଲ ମ୍ୟାଚ ଖେଳା ନ ଯିବା ପଛରେ ଏମଏଲଏ ଟିକେଟ ବିବାଦ ରହିଛି । ବିସିସିଆଇ କୌଣସି ରିସ୍କ ନ ନେଇ ଭେନ୍ୟୁ ବଦଳାଇବା ପାଇଁ ନିଷ୍ପତି ନେଇଛି । ବେଙ୍ଗାଲୁରରେ ଫାଇନାଲ ମ୍ୟାଚ ଖେଳାଗଲେ ଏମଏଲଏ ମାନଙ୍କୁ ୫ଟି ଲେଖାଏଁ ଟିକେଟ ପ୍ରଦାନ କରିବା ପାଇଁ ଦାବୀ କରାଯାଇଥିଲା । ବିବାଦ ବଢ଼ିବା ପରେ କର୍ଣ୍ଣାଟକର ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏମଏଲଏ ଓ ଏମପିଙ୍କ ପାଇଁ ୩ଟି ଲେଖାଏଁ ଟିକେଟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ବିନା କାରଣରେ ଚାପ ବଢ଼ିବାରୁ ବିସିସିଆଇ ବାଧ୍ୟ ହୋଇ ଫାଇନାଲ ଭେନ୍ୟୁ ବଦଳାଇଛି ।







Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚ୍ଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**